Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୨
Volum. - 22 ■ Issue No.- 02
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୧୪ ନଭେମ୍ବର - ୨୦ ନଭେମ୍ବର ୨୦୨୧ / 14 Nov. - 20 Nov. 2021 / Odia Weekly / 8 Pages / Rs.2/- only

## ବରଗଡ଼ ଗସ୍ତରେ ମୁଖ୍ୟମନ୍ତ୍ରୀ : ୩.୬୪ ଲକ୍ଷ ଜିଲ୍ଲାବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବ୍ୟବସ୍ଥା



ବରଗଡ଼, (ନିପ୍ର) : ଗତ ୧୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲ୍ଲା ଗସ୍ତ କରି ୩.୬୪ ଲକ୍ଷ ଜିଲ୍ଲାବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ବିଜେଡ଼ି ସୁପ୍ରିମୋ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଗମନ ଯୋଗୁଁ ଦଳୀୟ ନେତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ବିରୋଧୀ ଦଳମାନଙ୍କ ପକ୍ଷରୁ ବିରୋଧ ପ୍ରଦର୍ଶନ ପାଇଁ ଘନଘୋର ଉଦ୍ୟମ ହେଉଥିବା ଦେଖାଦେଇଥିଲା । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ବରଗଡ଼ ଗସ୍ତରେ ଆସି ବିଜେପୁର ଗଣ୍ଡପାଲିରେ ଆୟୋଜନ ହୋଇଥିବା ସଭାରେ ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ତଥା ଶିଳାନ୍ୟାସ କରିବା ସହ ସଫଳତାର ସହ ବିଜେପୁରର ୭୧ଟି ରୂପାନ୍ତରିତ ସ୍କୁଲ ଲୋକାର୍ପଣ କରିଛନ୍ତି । ଗଂଗାଧର ମେହେର ଜଳସେଚନ ପ୍ରକଳ୍ପ ବିଷୟରେ ସୂଚନା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି ଯେ, ୨୦୯୦ କୋଟି ଟଙ୍କାର ସଂପୃକ୍ତ ପ୍ରକଳ୍ପ ୨୦୨୩ ସେପ୍ଟେମ୍ବର ସୁଦ୍ଧା ସଂପୂର୍ଣ୍ଣ ହେବ । ବରଗଡ଼ ଜିଲ୍ଲାର ବିକାଶ ପାଇଁ ଗଂଗାଧର ମେହେର ଜଳସେଚନ ପ୍ରକଳ୍ପ ସହ ୨୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର କାମ ଚାଲିଥିବା ବେଳେ ଏହା ଜିଲ୍ଲାର ସମୃଦ୍ଧିରେ ବିଶେଷ ଯୋଗଦାନ କରିବ ବୋଲି ମତ ରଖିଥିଲେ ।

ବରଗଡ଼ ଜିଲ୍ଲାର ଚାଷୀ ଓ ବୁଣାକାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଣାମ ଜଣାଇ ବରଗଡ଼ ମାଟି ହେଉଛି ମା' ଲକ୍ଷ୍ମୀଙ୍କ ପବିତ୍ର ମାଟି ବୋଲି ମତବ୍ୟକ୍ତ କରିବା ସହ ଚାଷ ଓ ହସ୍ତତନ୍ତ କ୍ଷେତ୍ରରେ ବରଗଡ଼ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ ।

ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବିଶେଷ ସହଯୋଗୀ ହୋଇ ପାରିବ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହାଦ୍ୱାରା ବରଗଡ଼ ଜିଲ୍ଲାର ୩ ଲକ୍ଷ ୬୪ ହଜାର ଲୋକ ଉପକୃତ ହୋଇ ପାରିବେ ବୋଲି ସ୍ପଷ୍ଟ କରିଥିଲେ । ଦେଶର ୨ ଶହଟି ହସ୍‌ପିଟାଲ୍‌ରେ ସ୍ୱାସ୍ଥ୍ୟ କାର୍ଡ଼ ଯୋଜନାରେ ସାମିଲ ହୋଇଥିବା ଲୋକେ ଉଚିତ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି ସେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଶାନ୍ତ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ୫ଟି ସଚିବ ଭି.କେ. ପାଣ୍ଡିଆନ୍ ପ୍ରମୁଖ ମଂଚାସୀନ ଥିଲେ ଏବଂ ମନ୍ତ୍ରୀ ନିରଂଜନ ପୂଜାରୀ ଧନ୍ୟବାଦ ଅର୍ପଣ ଦାୟିତ୍ୱ ତୁଲାଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିରୋଧୀ ଦଳଙ୍କ ବିରୋଧ ପ୍ରଦର୍ଶନ



ବରଗଡ଼, (ନିପ୍ର) : ବରଗଡ଼ ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିଥିବା ବେଳେ ବିଜେପୁର ସମାବେଶରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଂଟନ ସହ ବରଗଡ଼ ଜିଲ୍ଲାକୁ ପ୍ରାୟ ୩୦୦ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି । ୫ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ୭୧ଟି ସ୍ମାର୍ଟ ସ୍କୁଲ ମଧ ଲୋକାର୍ପଣ କରଛନ୍ତି ।

ଏହି ପର୍ଯ୍ୟାୟରେ ଶୃଙ୍ଖଳାକୁ ଆଖିରେ ରଖି ବରଗଡ଼ ପୋଲିସ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କୁ ଆଗୁଆ ଗିରଫ କରିଥିଲା । ମମିତା ମେହେର ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ ଆଶଙ୍କାରେ ଇରାଶିଷଙ୍କ ଗିରଫ କରାଯାଇଥିବା ଜଣାପଡ଼ିଛି । ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ପୂର୍ବରୁ ବିଳମ୍ବିତ ରାତିରେ ପଦ୍ମପୁରରେ ବିଜେପିର ୮ ଜଣ ନେତାଙ୍କୁ ଉଠାଇ ନେଇଥିଲା ପୁଲିସ୍ ।

ଅନ୍ୟପଟେ ମମିତା ହତ୍ୟାକାଣ୍ଡରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବୀରେ ବରଗଡ଼ର ଏକାମ୍ର ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ କାର୍ ଉପରକୁ ଅଣ୍ଡାମାଡ଼ କରିଥିଲେ କଂଗ୍ରେସ କର୍ମୀ । ସେହିପରି ବରଗଡ଼ ଭଟଲି

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ବଲାଙ୍ଗିରରେ ୬ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ : ଦିବ୍ୟଶଙ୍କର ଓ ନବୀନଙ୍କ କୁଶ ପୁତଳିକା ଦାହ କଲା କଂଗ୍ରେସ




ବଲାଙ୍ଗିର, (ନିପ୍ର) : ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ୟାବିନେଟ ତଥା ମନ୍ତ୍ରୀ ପଦରରୁ ବହିଷ୍କାର ଦାବୀରେ ୧୨ତାରିଖ ଦିନ ପ୍ରଦେଶ କଂଗ୍ରେସ କମିଟି ୬ ଘଣ୍ଟିଆ (ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ) ଓଡିଶା ବନ୍ଦ ଡାକରା ଦେଇଥିଲା । ସେହିକ୍ରମରେ ବଲାଙ୍ଗିର ଜିଲ୍ଲା କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଆଜି ବଲାଙ୍ଗିର ସହରରେ ଦୋକାନ ବଜାର ଗାଡି ମଟର ବନ୍ଦ ରହିଥିବା ପରିଲକ୍ଷିତ ହୋଇଛି । ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ବଣିକ ସଂଘ, ବାର ଏସୋସିଏସ୍‌ନ୍ ସମେତ ବିଭିନ୍ନ ସାମାଜିକ ସଂଗଠନ ଉକ୍ତ ବନ୍ଦକୁ ସମର୍ଥନ କରିଥିବା ବେଳେ ସହରରେ ବନ୍ଦ ଶାନ୍ତିପୂର୍ଣ୍ଣ ରହଥିବା ଜଣାପଡିଛି । ତେବେ ଦିନ ୧୨ଟା ପରେ ଦୋକାନ ବଜାର ଖୋଲିବ ବୋଲି ଅନେକ ଆଶା ପ୍ରକାଶ କରିଛନ୍ତି । ମମିତା ମେହେର ହତ୍ୟାକାଣ୍ଡକୁ ଏଭିତରେ ୩୦ ଦିନରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ଏହି ଲୋମହର୍ଷଣକାରୀ ଘଟଣାର ବିଭିନ୍ନ ପକ୍ଷ ଏଯାଏଁ ଅଛୁଆଁ ରହିଛି । ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ତଥା ମାହଲିଙ୍ଗ କଲେଜ ସହିତ ଗୃହ ରାଷ୍ଟ୍ର ମନ୍ତ୍ରୀ ଓତଃ ପ୍ରତଃ ବାବେ ଜଡିତ ଥିବା ନେଇ ବିଭିନ୍ନ ତଥ୍ୟ ସର୍ବସମ୍ମୁଖକୁ ଆସିଛି । ଘଟଣାରେ ସଂପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ନିଜେ ଗୃହ ରାଷ୍ଟ୍ର ମନ୍ତ୍ରୀ ହୋଇଥିବା ବେଳେ ତଦନ୍ତ ପ୍ରଭାବିତ ହେବା ସମ୍ଭାବନା ରହିଛି । ତେଣୁ ବିରୋଧୀ ବାରମ୍ବାର ଦିବ୍ୟଶଙ୍କରଙ୍କୁ ତାଙ୍କ ପଦରୁ ବହିଷ୍କାର କରିବା ସହ ଘଟଣାର ଉଚ୍ଚ ତଥା ନିରପେକ୍ଷ ତଦନ୍ତ କରିବା ପାଇଁ ଦାବୀ କରିଆସିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟ ବିଷୟ ଯେ, ରାଜ୍ୟର ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର କରିବା ପରିବର୍ତ୍ତେ ଘଟଣା ଓ ଘଟଣାରେ ସଂପୃକ୍ତ ମନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବାର ପ୍ରୟାସ କରୁଥିବା ବେଳେ କଂଗ୍ରେସର ଏହି ଦାବୀକୁ ସାରା ଓଡିଶାବାସୀ ସମର୍ଥନ ଜଣାଇବା ସହ ଲୋକେ ଆଜି ସ୍ୱତଃ ପ୍ରବୃତ୍ତ ଭାବେ ଦୋକାନ ବଜାର ଗାଡି ମଟର ବନ୍ଦ ରଖିଛନ୍ତି । ତେବେ ରାଜ୍ୟସରକାର ଯଥା ଶୀଘ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର କରିବା ସହ ମମିତାଙ୍କୁ ଉଚିତ ନ୍ୟାୟ ଯୋଗଇ ନଦେଲେ କଂଗ୍ରେସ ଆହୁରି ଦୁର୍ବାର ଆନ୍ଦୋଳନ କରିବା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଜିଲ୍ଲା ସଭାପତି ଦିଲିପ ବେହେରାଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ବିଭିନ୍ନ କର୍ମକର୍ତ୍ତାମାନେ ଆଜି ସକାଳୁ ଏକ ବାଇକ ର୍ୟାଲି କରି ବନ୍ଦ ପାଇଁ ଜନ ସମର୍ଥନ

## ପାଠକଙ୍କ ଆଦର ସାଉଁଟି ଆଗେଇ ଚାଲିଛି ନିଜ ଲକ୍ଷ୍ୟ ପଥରେ 'କୋଶଳ ପ୍ରବାହ' : ଅତିଥି ବୃନ୍ଦ

### 'କୋଶଳ ପ୍ରବାହ'ର ୨୨ତମ ଜନ୍ମୋତ୍ସବ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ସାମ୍ବାଦିକ ଭବନଠାରେ ସାପ୍ତାହିକ ସମ୍ବାଦପତ୍ର 'କୋଶଳ ପ୍ରବାହ'ର ୨୨ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ପାଠକଙ୍କ ଆଦର ସାଉଁଟି ଆଗେଇ ଚାଲିଛି ନିଜ ଲକ୍ଷ୍ୟ ପଥରେ 'କୋଶଳ ପ୍ରବାହ' ବୋଲି ଅତିଥିମାନେ ମତ ଦେଇଛନ୍ତି । 'କୋଶଳ ପ୍ରବାହ'ର ସଂପାଦକ ଆନଂଦ ଚଂଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡ. ଶ୍ରୀକର ମିଶ୍ର ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଆକାଶବାଣୀର ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ କବି ଭାଗୀରଥି ମିଶ୍ର ମଂଚାସୀନ ଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଏକ୍ସନ କମିଟିର ଆବାହକ ତଥା ଯୁବ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଏବଂ ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ ନିହାର ରଂଜନ ବେହେରା ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ କରୋନାରେ ପ୍ରାଣ ହରାଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଅତିଥି ପରିଚୟ ପ୍ରଦାନ କରିଥିଲେ କୋଶଳ ପ୍ରବାହର ବଲାଙ୍ଗିର ଜିଲ୍ଲା ପ୍ରତିନିଧି ଦେବାଶିଷ ମିଶ୍ର । ଏହି ଅବସରରେ ଅନୁଷ୍ଠିତ 'ସାଂପ୍ରତିକ ସମୟ ଓ ଗଣମାଧ୍ୟମ' ଶୀର୍ଷକ ଆଲୋଚନା ଚକ୍ରରେ ଦେଶ ଗଠନରେ ଜନସାଧାରଣ ସହଭାଗୀ ହୁଅନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ବର୍ତ୍ତମାନ ସମୟରେ ଗଣମାଧ୍ୟମର ବିଶେଷ ଭୂମିକା ରହିଥିବା ବେଳେ ଏଥିପ୍ରତି ସାମ୍ବାଦିକମାନେ ସଚେତନ ହେବା ଉଚିତ ବୋଲି ସମ୍ମାନିତ ଅତିଥି ଯୁବ ବିଜେଡ଼ି ନେତା ଶ୍ରୀ ବେହେରା ମତ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଯୁବ ବିଜେପି ନେତା ଶ୍ରୀ ପାଣିଗ୍ରାହୀ ଏକ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଗୁରୁଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ମିଶ୍ର ସାଂପ୍ରତିକ ସମୟରେ ଗଣମାଧ୍ୟମ ଉପରେ ବିଭିନ୍ନ ଶକ୍ତିର ଆକ୍ରମଣାତ୍ମକ ପ୍ରଭାବ ରହିଥିବା ବେଳେ ଦେଶ ଓ ଜାତିର ଉଦ୍ଧାର ପାଇଁ ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଡ. ମିଶ୍ର ଜନସାଧାରଣଙ୍କ ସମସ୍ତ ପ୍ରକାର ସହଯୋଗ ଗଣମାଧ୍ୟମକୁ ଆହୁରି ପ୍ରଖର ଓ ଜନାଭିମୁଖୀ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ ।

୨୨ତମ ଜନ୍ମ ଉତ୍ସବ ଅବସରରେ ଚଳିତ ବର୍ଷ ବିଶିଷ୍ଟ ଶିକ୍ଷାବିତ୍ ଡ. ଶିବପ୍ରସାଦ ବେହେରାଙ୍କୁ 'କୋଶଳ ପ୍ରବାହ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ କବି ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କୁ 'ଛନ୍ଦାଚରଣ ସ୍ମୃତି ସମ୍ମାନ' ଓ କବି ପୁସ୍ତମ ଯୁଆଡ଼ିଙ୍କୁ 'କବି ଚତୁର୍ଭୁଜ ସାଆନ୍ତ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ସେହିପରି ବିଶିଷ୍ଟ ଚିକିତ୍ସକ ଡ.ରାମଚନ୍ଦ୍ର ହୋତା, ଟ୍ୟାକ୍ସ ଆଡ୍‌ଭୋକେଟ୍ ମାନସ ରଂଜନ ବହିଦାର, ଦଣ୍ଡଗୁରୁ କହ୍ନେଇ ବାଗ, କଣ୍ଠଶିଳ୍ପୀ ନବୀନ କୁଅଁର, ନୃତ୍ୟଶିଳ୍ପୀ ସୁଚିସ୍ମିତା ଷଡ଼ଙ୍ଗୀ ଓ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀଙ୍କୁ 'ମାଟିର ଗୌରବ ସମ୍ମାନ' ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ୨୨ତମ ଜନ୍ମ ଉତ୍ସବ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଓଏଭି ପଥରଚେପାର ଓମ୍ ଅମୃତ ମହାନ୍ତି ପ୍ରଥମ, ଅଂଜନେୟ କର ଦ୍ୱିତୀୟ ଓ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର କୁମାରୀ ବିନ୍ଦିଆ ମିଶ୍ର ତୃତୀୟ ସ୍ଥାନ ହାସଲ୍ କରିଥିଲେ । ସେହିପରି ବରିଷ୍ଠ ବର୍ଗରେ ସିଏନ୍‌ସି କଲେଜର ନିକି ଶର୍ମା ପ୍ରଥମ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ନିତିଶ ପଧାନ ଦ୍ୱିତୀୟ ଓ ସୋନପୁର ମହାବିଦ୍ୟାଳୟର ସୁଚରିତା ଥନାପତି ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସମସ୍ତ ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସମାଜସେବିକା ଲିଲି ପଟେଲ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ 'କୋଶଳ ପ୍ରବାହ' ପ୍ରଶାସନିକ ଅଧିକାରୀ ଶ୍ୟାମପ୍ରସାଦ ଗୁରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିଟିଲାଗଡ଼ ମାଟି ପାଇଁ ଗର୍ବ ସୁଚିସ୍ମିତା, ତାଙ୍କ ନାଚ ଦେଖିଲେ ବିଭୋର୍ ହୋଇ ନାଚନ୍ତି ଦର୍ଶକ









ଟିଟିଲାଗଡ଼, (ନିପ୍ର) : କଳା, ସଂସ୍କୃତି ତଥା ଲୋକନୃତ୍ୟ, ଲୋକବାଦ୍ୟକୁ ନେଇ ପଶ୍ଚିମ ଓଡିଶାବାସୀ ମନରେ ଅନେକ ଉତ୍ସାହ ଭରି ଦେଇଥାଏ ବଲାଙ୍ଗିର ମାଟି । ଭିନ୍ନ ଭିନ୍ନ କଳାକାରଙ୍କ ପାଖରେ ରହିଛି ଅନେକ ପ୍ରତିଭା । କେଉଁ କଳାକାର ନିଜର ପରିବାର ପୋଷଣ ପାଇଁ ଦର୍ଶକଙ୍କ ଆଗରେ କଳା ପ୍ରଦର୍ଶନ କରନ୍ତି ତ' ଆଉ କିଏ ନିଜର ଖୁସି ପାଇଁ ନିଜର ପ୍ରତିଭା ଲୋକଙ୍କ ଆଗରେ ପ୍ରଦର୍ଶନ କରି ବେଶ୍ ଖୁସି ଅନୁଭବ କରନ୍ତି । ଏଭଳି ଜଣେ କଳାକାରଙ୍କ କଥା ଆମେ ଆଜି କହୁଛୁ, ଯିଏକି ପେସାରେ ଜଣେ ରେଲୱେ କର୍ମଚାରୀ, ଅଥଚ ନିଶା ତାଙ୍କର ନୃତ୍ୟ ପରିବେଷଣରେ । ସେ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ମାଟିର ଜଣେ ଆଗଧାଡ଼ିର ନୃତ୍ୟଶିଳ୍ପୀ ସୁଚିସ୍ମିତା ଷଡ଼ଙ୍ଗୀ(ସୁଇଟି) । ସେ ଟିଟିଲାଗଡ଼ ମାଟିରେ ଜନ୍ମ ଗ୍ରହଣ କରିଥିବା ବେଳେ ନିଜ କଳା ମାଧ୍ୟମରେ ଟିଟିଲାଗଡ଼ ମାଟି ପାଇଁ ଆଣି ଦେଇଛନ୍ତି ଗର୍ବ ଓ ଗୌରବ । ରାଜ୍ୟରେ ତଥା ରାଜ୍ୟ ବାହାରେ ନୃତ୍ୟ ପରିବେଷଣ କରି ସେ ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ତାଙ୍କ କଳାକୁ ନେଇ ଲୋକଙ୍କ ମନରେ ବେଶ ଉତ୍ସାହ ଦେଖିବାକୁ ମିଳେ । ସୁଚିସ୍ମିତାଙ୍କ ପିଲା ବେଳୁ ନୃତ୍ୟ ପ୍ରତି ଆକର୍ଷଣ ରହିଥିଲା । ସ୍କୁଲରୁ ଆରମ୍ଭ କରି କଲେଜ ପଢ଼ା ପର୍ଯ୍ୟନ୍ତ ତାଙ୍କର ପ୍ରତିଭାକୁ ଦର୍ଶକଙ୍କ ଆଗରେ ପରିବେଷଣ କରି ଅନେକ ମାନପତ୍ର, ପୁରସ୍କାର ମଧ୍ୟ ସେ ପାଇଛନ୍ତି । ବାପା



ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ ଓ ମାଆ ସୁଜାତା ଷଡ଼ଙ୍ଗୀଙ୍କ କୋଳରେ ସୁଚିସ୍ମିତା ଜନ୍ମ ଗ୍ରହଣ କରିଥିବା ବେଳେ ତାଙ୍କର ପରିବାର, ସାଙ୍ଗ ସାଥୀ ମଧ୍ୟରେ ଅନେକ ଉତ୍ସାହ ଦେଖିବାକୁ ମିଳିଥାଏ ତାଙ୍କ କଳାକୁ ନେଇ । ସୁଚିସ୍ମିତା ଗୀତ ଗାଇବା, ଝୋଟି ଆଙ୍କିବା, ନୃତ୍ୟ ପରିବେଷଣ କରିବା ଭଳି ଅନେକ ପ୍ରତିଭାର ଅଧିକାରିଣୀ । ତାଙ୍କ ଜେଜେମା'ଙ୍କ ଠାରୁ ପ୍ରେରଣା ପାଇବା ପରେ ଏତେ ଆଗକୁ ଆସି ପାରିଛନ୍ତି ବୋଲି ସେ କୁହନ୍ତି । ସବୁବେଳେ ସୁଚିସ୍ମିତା କହନ୍ତି, ମୁଁ ମୋ ଜେଜେ ମା'ଙ୍କ ହାତ ଧରି ଏତେ ବଡ଼ ସଫଳତା ହାସଲ କରି ପାରିଛି, ଏଣୁ ମୋ ଜେଜେମା' ମୋ ପ୍ରଥମ ଗୁରୁ । ତାଙ୍କ ମା' ଓ ବଡ଼ ଭଉଣୀଙ୍କ ସହଯୋଗ ମଧ୍ୟ ରହିଛି ଏହି ସଫଳତା ହାସଲ କରିବା ପଛରେ । ବର୍ତ୍ତମାନ ଛୋଟ ଛୋଟ ପିଲାଙ୍କୁ ନୃତ୍ୟ ଶିଖାଉଛନ୍ତି ସୁଚିସ୍ମିତା । ଟିଟିଲାଗଡ଼ରେ ଏବେ ସେ ରେଲୱେ କର୍ମଚାରୀ ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଟିଟିଲାଗଡ଼ ଘଣ୍ଟାସୁନି ସ୍କୁଲ, ମହେଶ୍ୱର ହିନ୍ଦୀ ହାଇସ୍କୁଲ ଓ ଟିଟିଲାଗଡ଼ ଡିଏଭି କଲେଜରେ ସେ ପାଠ ପଢିଛନ୍ତି । ଛୋଟ ବେଳେ ସ୍କୁଲ କଲେଜରେ ନୃତ୍ୟ ପରିବେଷଣ କରି ଆସୁଥିଲେ । ଧୀରେ ଧୀରେ ଖୁବ୍ ସଫଳତା ହାସଲ କଲେ । ସୁଚିସ୍ମିତା ରେଲୱେ କର୍ମଚାରୀ ଭାବରେ ନିଯୁକ୍ତି ପାଇବା ପରେ ରେଳ ବିଭାଗ ପକ୍ଷରୁ ତାଙ୍କୁ ବାହାର ରାଜ୍ୟରେ ନୃତ୍ୟ ପରିବେଷଣ କରିବା ପାଇଁ ମଧ୍ୟ ସେ ସୁଯୋଗ ପାଇଲେ ଓ ଉଚ୍ଚ ପ୍ରଶଂସିତ ହେଲେ । ସୁଚିସ୍ମିତା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, କଲିକତା, ଆସାମ, ବିହାର, ରାଜସ୍ଥାନ, ଗୁଜୁରାଟ, ହରିୟାଣା ଭଳି ଅନେକ ରାଜ୍ୟରେ ତାଙ୍କ ଲୋକ ନୃତ୍ୟ ପରିବେଷଣ କରି ପୁରସ୍କାର ହାସଲ କରି ଟିଟିଲାଗଡ଼ ମାଟିର ପାଇଁ ଗର୍ବ ଆଣିଛନ୍ତି । ତେବେ ଏଭଳି ଜଣେ ପ୍ରତିଭାଙ୍କୁ ଅଞ୍ଚଳରେ ପାଇଥିବା ଯୋଗୁଁ ଟିଟିଲାଗଡ଼ ମାଟି ଧନ୍ୟ ହୋଇଛି ବୋଲି ଲୋକେ କୁହନ୍ତି । ସୁଚିସ୍ମିତା ସମାଜସେବା କ୍ଷେତ୍ରରେ ବି ରୁଚି ରଖିଥିବା ବେଳେ ଅଙ୍ଗଦାନ ଭଳି ମହାନ୍ କାମ କରିଛନ୍ତି ।

ସୁଚିସ୍ମିତାଙ୍କ ନାମ ଯେମିତି ଖୁବ୍ ଆକର୍ଷଣୀୟ, ତାଙ୍କ ନାଚ ମଧ୍ୟ ସେଭଳି ଅତ୍ୟନ୍ତ ଚିତ୍ତାକର୍ଷକ । ଖୁବ୍ କମ୍ ବୟସରୁ ନିଜର ତପସ୍ୱା ବଳରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ପାରିଛନ୍ତି ସୁଚିସ୍ମିତା । ନିଜ ପ୍ରତିଭା ପ୍ରଦର୍ଶନ କରି କେବଳ ଓଡ଼ିଶାରେ ନୁହେଁ, ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ସେ ପୁରସ୍କୃତ ତଥା ସମ୍ବର୍ଦ୍ଧିତ ହୋଇ ପାରିଛନ୍ତି । ଚଳିତ ବର୍ଷ 'କୋଶଳ ପ୍ରବାହ'ର ୨୨ତମ ଜନ୍ମ ଉତ୍ସବ ଅବସରରେ ଅନୁଷ୍ଠିତ ସମାରୋହରେ ମଧ୍ୟ ତାଙ୍କୁ ମାଟିର ଗୌରବ ସମ୍ମାନ ପ୍ରଦାନ କରାଯାଇଛି, ଯାହା ତାଙ୍କ ପ୍ରତିଭା ପ୍ରଦର୍ଶନ କ୍ଷେତ୍ରରେ ଆହୁରି ଉତ୍ସାହ ଆଣି ଦେଇଥିବା ସେ ପ୍ରକାଶ କରିଛନ୍ତି ।







## ସଂପାଦକୀୟ

# ଯୋଗାଡ଼ିଆଙ୍କ ମାପକାଠି

ଯୋଗାଡ଼ିଆମାନେ ସ୍ୱଭାବତଃ ବଡ଼ ଚତୁର । କପଟ ଚାତୁରିକୁ ପୁଞ୍ଜି କରି ସେମାନେ ବେଶ୍ ନେଇ ଆଣି ଥୋଇ ପାରନ୍ତି । ସେଇ କ୍ରମରେ ଏବେ ସେମାନେ ପୂଜ୍ୟପୂଜାର ଶୈଳୀରେ ବଡ଼ କୌଶଳରେ ଏକ ପରିବର୍ତ୍ତନ ଆଣିଛନ୍ତି । ଆଗ ପ୍ରଚଳିତ ଥିବା ପରମ୍ପରା ଅନୁଯାୟୀ କୌଣସି ବ୍ୟକ୍ତି ଯୋଗ୍ୟ ବୋଲି ସ୍ୱୀକୃତି ପାଇବା ପରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଉତ୍ସବ ଓ ଆୟୋଜନମାନ କରାଯାଉଥିଲା । ବାହାଘରଟି ସରିବା ପରେ ଯାଇ ଚଉଠି ଭୋଜି ହେଉଥିଲା । ଏବେ କିନ୍ତୁ ଯୋଗାଡ଼ିଆ ମାନଙ୍କ ଦ୍ୱାରା ସୃଜିତ ନୂତନ ଶୈଳୀରେ ସେ ବ୍ୟବସ୍ଥାକୁ ବିଦାୟ ଦିଆଯାଇଛି । ବିବାହର ଘୋଷଣା ହେବା ମାତ୍ରେ ସେମାନେ ଚଉଠି ଭୋଜିର ଆୟୋଜନ ସର୍ବାଗ୍ରେ ସାରି ଦେଉଛନ୍ତି । ପୁରସ୍କାର, ପଦ ପଦବୀ ବା ଉପାଧି ମିଳିଯିବ ବୋଲି ଜଣା ପଡ଼ିଯିବା ମାତ୍ରକେ ତା'ପର ଦିନ ହିଁ ସମ୍ବର୍ଦ୍ଧନାର ଆୟୋଜନ ହୋଇଯାଉଛି । ବେଳେ ବେଳେ ପୁରସ୍କାର ବା ଉପାଧି ପାଇବେ ବୋଲି ଘୋଷଣା କରାଯାଇଥିବା ଭାବି ପୁରସ୍କୃତ ବ୍ୟକ୍ତି ଆଗତୁରା ଭାବେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନାଗୁଡ଼ିକୁ ଭୋଗ କରି ଯାଉଛନ୍ତି । ସେମାନଙ୍କ ପାଇଁ ଘୋଷଣା ହିଁ ଯଥେଷ୍ଟ । କୌଣସି ମତେ ଥରେ ଘୋଷଣା ଟି ହୋଇଯାଇ ପାରିଲେ, ତେଣିକି ସେମାନେ ଆକଣ୍ଠ ସମ୍ବର୍ଦ୍ଧନା ଭୁଂଜିବାର ବିଧିବଦ୍ଧ ଲାଇସେନ୍ସ ପାଇଗଲେ ବୋଲି ମନେ କରୁଛନ୍ତି ।

ଆଗର ସମ୍ବର୍ଦ୍ଧନା ସଭାଗୁଡ଼ିକ ମଧ୍ୟ ସ୍ୱରୂପତଃ ଭିନ୍ନ ଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ପ୍ରସଂଗରେ ପ୍ରାସଙ୍ଗିକ ଓ ବିଦଗ୍ଧ ଆଲୋଚନା ମାନ କରା ଯାଉଥିଲା । ଅନୁରାଗୀମାନେ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରୁଥିଲେ । ପ୍ରକୃତରେ ଯୋଗ୍ୟ କେହି ଜଣେ ସମ୍ମାନିତ ହେଲେ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଓ ତାଙ୍କ କୃତିତ୍ୱର ଅନୁଶୀଳନ ପାଇଁ ଅନ୍ୟମାନେ ସଶ୍ରଦ୍ଧ ଓ ସ୍ୱତଃସ୍ଫୁର୍ତ୍ତ ଭାବେ ଏକ ଆଗ୍ରହର ଅନୁଭବ କରୁଥିଲେ । ମାତ୍ର ଯୋଗାଡ଼ିଆ ଜଣେ ଯୋଗ୍ୟ ଦିଶିବ ବୋଲି ଯେତେବେଳେ ମନ ବଳାଏ ଓ ସେହି ଉଦ୍ଦେଶ୍ୟରେ ଛଳେ ବଳେ କଉଶଳେ ପୁରସ୍କାର ଟିଏ ଯୋଗାଡ଼ କରେ, ସେତେବେଳେ ତାକୁ ଏହି ଶୈଳୀର ସମ୍ବର୍ଦ୍ଧନା ମୋଟେ ପୋଷାଏ ନାହିଁ । ଅନୁଶୀଳନର ପ୍ରକୃତ ସାମଗ୍ରୀ ରୂପେ ପରଷି ପାରିବା ଭଳି କୌଣସି ସଂପଦ ବା ପ୍ରତିଭା ତା'ର ନଥାଏ । ମାତ୍ର 'ହେବା ପାଇବା' ରୋଗର ପ୍ରକୋପରେ ପଡ଼ି ଯାଇଥିବା କାରଣରୁ ଛଳେ ଛଳେ କଉଶଳେ ଯେ କୌଣସି ପ୍ରକାରେ ଯୋଗ୍ୟ ବୋଲି ସ୍ୱୀକୃତିଟିଏ ପାଇବା ତା' ପାଇଁ ନିହାତି ଆବଶ୍ୟକ ହେଉଥାଏ । ତେଣୁ ସେ ଅନ୍ୟ ଯୋଗ୍ୟ ମାନଙ୍କ ଦ୍ୱାରା ପ୍ରଦତ୍ତ ସମ୍ବର୍ଦ୍ଧନା ପାଇଁ ମନ ନ ବଳାଇ ଭିନ୍ନ ଏକ ଶୈଳୀର ଆଶ୍ରୟ ନିଏ । ଯୋଗାଡ଼ିଆମାନେ ଆଜିର ସମାଜରେ ଆତଯାତ ହେଉଥିବା ମନ୍ତ୍ରୀ ଓ ପଦସ୍ଥ ମାନଙ୍କର ପ୍ରଭାବ ଓ ପ୍ରକୋପ ବିଷୟରେ ଆଗତୁର ଅବଗତ ଥାଆନ୍ତି । ସେମାନେ ପ୍ରାଣେ ପ୍ରାଣେ ବିଶ୍ୱାସ କରିଥାଆନ୍ତି ଯେ, ସର୍ବଯୋଗ୍ୟତାର ସମାହାରରେ ମନ୍ତ୍ରୀ ପଦର ସୃଷ୍ଟି । ତେଣୁ ଭାବନ୍ତି ଯେ, ମନ୍ତ୍ରୀଙ୍କୁ ବରଣ କରି ନେଇ ପାରିଲେ ସବୁ ଝମେଲା ସାଫ୍ । ତେଣିକି ଯୋଗ୍ୟତା ଅଯୋଗ୍ୟତାର ସବୁ ବିଚାର ସମାଜ ହୋଇ ଆପଣା ପାଇଁ ପ୍ରତିଷ୍ଠା ମିଳିଯିବା ସୁନିଶ୍ଚିତ । ମନ୍ତ୍ରୀଙ୍କୁ ବରଣ କଲେ ଯାତ ଦେଖିବା ଓ କଦଳି ବିକିବା କାମ ଏକା ସାଂଗରେ ତୁଟିଯାଏ । ପ୍ରତିଷ୍ଠା ମିଳିବା ସଂଗେ ସଂଗେ ତା' ପାଇଁ ସୁନିଶ୍ଚିତ ପ୍ରଚାର ଟି ମଧ୍ୟ ମିଳିଯାଏ ।

ଏଇଭଳି ଭାବେ ଯୋଗାଡ଼ିଆମାନଙ୍କ ଦ୍ୱାରା ଉଦ୍‌ଭାବିତ ନୂତନ ଶୈଳୀରେ ସାହିତ୍ୟିକ ଜଣଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଅନ୍ୟ ସାହିତ୍ୟିକ ମାନେ ଲୋଡ଼ା ହୁଅନ୍ତିନାହିଁ । ଶିକ୍ଷକ ବା ସାମ୍ବାଦିକ ଜଣଙ୍କର ସମ୍ବର୍ଦ୍ଧନା କରିବାକୁ ସେମାନଙ୍କ ସାଧନା କ୍ଷେତ୍ରସ୍ଥ ଅନ୍ୟ କୌଣସି ଅନୁଗାମୀ ବା ଅନୁରାଗୀ ପ୍ରୟୋଜନ ହୁଅନ୍ତି ନାହିଁ । କିଏ କେଉଁ କୃତିତ୍ୱ ପାଇଁ ବା କେଉଁ ସୃଜନ କର୍ମ ପାଇଁ ପୁରସ୍କୃତ ବା ସମ୍ମାନିତ ହେଉଛନ୍ତି, ତାର ବିଷଦ୍ ଆଲୋଚନା ଦରକାର ପଡ଼େ ନାହିଁ । କେବଳ ମନ୍ତ୍ରୀ, ରାଜ୍ୟପାଳ ବା ସେମିତି ପଦସ୍ଥ କେହି ଜଣଙ୍କୁ ବରଣ କରିପାରିଲେ ହିଁ ହେଲା । ତା'ପାଇଁ ତ' ସ୍ୱାଗତମ୍ ଧ୍ୱନି, ବର୍ଣ୍ଣାଢ଼୍ୟ ତୋରଣ, ମାନପତ୍ର ଓ ପୂର୍ଣ୍ଣକୁମ୍ଭ ସ୍ଥାପନର ବ୍ୟବସ୍ଥା ସ୍ୱତଃସିଦ୍ଧ । ଯୋଗାଡ଼ିଆମାନେ ସମ୍ବର୍ଦ୍ଧନା ଲାଭର ଏଇ ନୂତନ କୌଶଳରେ ଏକାନ୍ତ ଭାବେ ବିଶ୍ୱାସୀ । ତେଣୁ ସେମାନେ ପ୍ରାୟତଃ ଆପଣା ପାଇଁ ସମ୍ବର୍ଦ୍ଧନାର ଆୟୋଜନ କରିବା ବେଳେ ଅନ୍ୟ କ୍ଷେତ୍ରର କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ନ ଲୋଡ଼ି କେବଳ ମନ୍ତ୍ରୀ ବା ପଦସ୍ଥ ବ୍ୟକ୍ତିଙ୍କୁ ବରଣ କରି ଆଣିବା ଉପରେ ଗୁରୁତ୍ୱ ଦିଅନ୍ତି । କାରଣ ତାହା ହେଉଛି ତାଙ୍କ ପାଇଁ ଏକମାତ୍ର ସୁଗମ ବ୍ୟବସ୍ଥା– ଯାହା ମାଧ୍ୟମରେ 'କୁସୁମ ପରସେ ପଟ ନିସ୍ତରେ' ନ୍ୟାୟରେ ମନ୍ତ୍ରୀଙ୍କ ପାଇଁ ନିର୍ମିତ ସ୍ୱାଗତ ତୋରଣ ଓ ପୂର୍ଣ୍ଣ କଳସର ପରିବେଶରେ ସେମାନେ ନିଜକୁ ସ୍ୱତଃ ହିଁ ଉଚ୍ଛ୍ୱସିତ ଭାବେ ସମ୍ବର୍ଦ୍ଧିତ କରାଇ ନେଇ ପାରିବେ । ଯୋଗାଡ଼ିଆଙ୍କୁ ଏହି ବ୍ୟବସ୍ଥା ବଡ଼ ସୁହାଏ । ଏହି ବ୍ୟବସ୍ଥା ସେମାନଙ୍କର ନିରାପଦ ଆଶ୍ରୟ ସ୍ଥଳୀ । ମନ୍ତ୍ରୀଙ୍କ ଶ୍ରୀ ହସ୍ତରୁ କିଛି ପୁରସ୍କାର ଲବ୍ଧ ମୁଦ୍ରା ଓ ଉପାୟଜନ ମିଳିଯିବା ପରେ ତେଣିକି ସେମାନଙ୍କୁ ସିଦ୍ଧ ପୁରୁଷର ସ୍ତରକୁ ଉଠିଗଲା ଭଳି ଲାଗେ । ଏଭଳି ଉତ୍ସବମାନଙ୍କର ବଡ଼ ବଡ଼ ବିଜ୍ଞାପନ ଓ ଫଟୋ ଛପା ହେବାର ବ୍ୟବସ୍ଥା କରିଦେଇ ଯୋଗାଡ଼ିଆ ରାମିଆ ମାନେ ତେଣିକି ମନକୁ ମନ ରାମଚନ୍ଦ୍ର ବନି ଯାଆନ୍ତି ଓ ତାଙ୍କ ସ୍ୱଭାବ ସୁଲଭ ଢ଼ଙ୍ଗରେ ସେହି କଥା ହିଁ ଲୋକ ଲଗାଇ କହି ବୁଲନ୍ତି ।

ଏବେ ଆମ ଓଡ଼ିଶାରେ କ୍ରମଶଃ ଯୋଗାଡ଼ିଆମାନଙ୍କର ଲୀଳା ଖେଳା ବଢ଼ି ଚାଲିଛି । ଯୋଗ୍ୟମାନଙ୍କୁ ପଛରେ ପକାଇ ଆଗକୁ ଝପଟି ଯିବେ ବୋଲି ସେମାନଙ୍କ ତରଫରୁ ଏକ ଦୌଡ଼ ଆରମ୍ଭ ହୋଇଛି । ସୁସ୍ଥ ସଂସ୍କୃତିର ଭବ୍ୟ ଶୈଳୀକୁ ଅନାଗ୍ରହ କରି ସେମାନଙ୍କ ଦ୍ୱାରା ସୃଜିତ ନବ୍ୟ ଶୈଳୀର ପ୍ରଚଳନ ପାଇଁ ସେମାନେ ଅତି ସତର୍କତାର ସହିତ କୌଶଳ ଖଂଜୁଛନ୍ତି ।

## ୟୁଜିବିର ବୋର୍ଡ ଅଫ ଡାଇରେକ୍ଟରର୍ସରେ ନିର୍ଦ୍ଦେଶକ ହେଲେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା



ବଲାଙ୍ଗିର, (ନିପ୍ର) : ୟୁଜିବିର ବୋର୍ଡ ଅଫ ଡାଇରେକ୍ଟରର୍ସରେ ନିର୍ଦ୍ଦେଶକ ହୋଇଛନ୍ତି ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା । ସୂଚନା ଅନୁସାରେ ଆଂଚଳିକ ଗ୍ରାମୀଣ ବ୍ୟାଙ୍କ ଆଇନ ୧୯୭୬ର ଧାରା ୯ ଓ ୧୦ ଅନୁସାରେ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ରାଣା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ବୋର୍ଡ ଅଫ ଡାଇରେକ୍ଟର୍ସରେ ନିର୍ଦ୍ଦେଶକ ମନୋନୀତ ହୋଇଛନ୍ତି । ତେବେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଛି ।

# ତ୍ରିବେଣୀ ସଙ୍ଗମରେ ବାପାଙ୍କ ଅସ୍ଥି ବିସର୍ଜନ କଲେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ

ପଦ୍ମପୁର, (ନିପ୍ର) : ପ୍ରୟାଗ ରାଜ ତୀର୍ଥକ୍ଷେତ୍ରର ତ୍ରିବେଣୀ ସଙ୍ଗମ ସ୍ଥଳି ଗଙ୍ଗାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ପ୍ରତୀମା ପୁରୋହିତ ତାଙ୍କର ସ୍ୱର୍ଗୀୟ ପିତା ରାଧେଶ୍ୟାମ ପୁରୋହିତଙ୍କ ଅସ୍ଥି ବିସର୍ଜନ କ୍ରିୟାକର୍ମ ଗତ କାଲି ସମାପନ କରିଛନ୍ତି । ଅସ୍ଥି ବିସର୍ଜନ କ୍ରିୟାକର୍ମରେ ଶ୍ରୀ ପୁରୋହିତଙ୍କ ବଡ଼ଭାଇ ଗିରିଧାରି ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଜୟଶ୍ରୀ ପୁରୋହିତ ମଧ୍ୟ ସାମିଲ ହୋଇଥିଲେ । ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ପୁରୋହିତଙ୍କୁ ଉତ୍ତର ପ୍ରଦେଶ କିଶାନ ମୋର୍ଚ୍ଚାରର ପ୍ରାନ୍ତୀୟ ଅଧକ୍ଷ କାଶୀନାଥ ତିୱାରୀ ନେତୃତ୍ୱରେ କିଶାନ ମୋର୍ଚ୍ଚା ତରଫରୁ ଶ୍ରୀ ପୁରୋହିତଙ୍କୁ ପ୍ରୟାଗରାଜ ସର୍କିଟ ହାଉସରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରୟାଗରାଜରୁ ବିନ୍ଧ୍ୟାଂଚଲ ବିନ୍ଧ୍ୟବାସିନୀଙ୍କ ମନ୍ଦିର ଦର୍ଶନ କରିଯିବା ବାଟରେ ମିର୍ଜାପୁର କିଶାନ ମୋର୍ଚ୍ଚାର ଜିଲ୍ଲା ସଭାପତି ଦିନେଶ ସିଂ ଓ କ୍ଷତ୍ରୀୟ ସାଧାରଣ ସଂପାଦକ ଜନ୍‌ମେଜୟ ମିଶ୍ରଙ୍କ ନେତୃତ୍ୱରେ ଶ୍ରୀ ପୁରୋହିତଙ୍କୁ ଅଟଳ ଛକରେ ସମ୍ବର୍ଦ୍ଧିତ କରିବା ପରେ ଶ୍ରୀ ପୁରୋହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।




# ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ପାଟଣାଗଡ, (ନିପ୍ର) : ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ବନାଇମୁଣ୍ଡା ପଞ୍ଚାୟତର ପ୍ରତ୍ୟେକ ଗାଁକୁ ଗାଁ ଯାଇ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ ସରୋଜ କୁମାର ମେହେର । ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ବିଧାୟକଙ୍କ ପାଖରେ ଦାବୀ କରିଥିବା ବେଳେ ଗ୍ରାମଗୁଡିକରେ ପାନୀୟ ଜଳ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ମନରେଗା ଯୋଜନା, ଆବାସ ଯୋଜନା ଏବଂ ଅନ୍ୟାନ୍ୟ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ବିଧାୟକ ପ୍ରତିନିଧିଙ୍କ ସମେତ ଅନ୍ୟ ଦଳୀୟ କର୍ମକର୍ତ୍ତା ସଦସ୍ୟମାନେ ଉପସ୍ଥିତ ଥିଲେ ।

# ରାଉରକେଲାରେ ସମ୍ବର୍ଦ୍ଧନା ଉତ୍ସବ




ରାଉରକେଲା, (ନିପ୍ର) : ନାଟ୍ୟକଳା ପ୍ରତି ସମର୍ପିତ ୨୪ଗୋଟି ନାଟ୍ୟସଂସ୍ଥା (ରଂଗମଂଚ, ପ୍ରୟାସ, ସ୍ପନ୍ଦନ, ସଂପର୍କ, ସଂକଳ୍ପ, ମହୁମାଛି, ପ୍ରତିଧ୍ୱନି, ସ୍ୱସ୍ତି ଝଙ୍କୃତ, ନ୍ୟୁ କ୍ୱେଷ୍ଟ ରିପୋର୍ଟରୀ, କଳାକାର ଏକତା ମଂଚ, ବିଲିଭର, ଆମେ ନାଟୁଆ, ସାରନା ନବଯୁବକ ସଂଘ, କଲଚରାଲ ଏକାଡେମୀ, କଳିଙ୍ଗ କଳା ପରିଷଦ, ନଟରାଜ ନୃତ୍ୟ ପରିଷଦ, ନାୟିକା ରାଉରକେଲା, ପରିଚୟ, ତିତିଲି, ମଂଚଧାରା, ପଞ୍ଚମବେଦ, ପ୍ରଗତି ଉତ୍କଳ ସଂଘ ଓ ଅନ୍ୟ ଦୁଇଟି ନାଟ୍ୟାନୁଷ୍ଠାନ)କୁ ନେଇ ଗଠିତ ଏକତ୍ର, ରାଉରକେଲା ତରଫରୁ ସମ୍ବର୍ଦ୍ଧନା ଉତ୍ସବ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି । ଏକତ୍ରର ସଭାପତି ପ୍ରଫେସର ଡଃ ସମର ମୁଦାଲିଙ୍କ ସଭପତିତ୍ୱ ତଥା ସଂଯୋଜନା ଓ ସାଧାରଣ ସଂପାଦକ ବିଜୟ କୁମାର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି ମୁଖ୍ୟ ଅତିଥି, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟକ ଓ ଆର୍‌ଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୋଦ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏକତ୍ରର କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ପଦ୍ମଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ କହିଲେ ଯେ କଳାପ୍ରତି ସମର୍ପିତ ପ୍ରାଣ ହିଁ କଳାକାରକୁ ଯଶସ୍ୱୀ ଓ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ଏତେ ଗୁଡିଏ ନାଟ୍ୟାନୁଷ୍ଠାନକୁ ନେଇ ଗଠିତ ଏକତ୍ରର କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଓ ନିଆରା । ଯାହା ଅଭିଭୂତ କରିଛି । ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡିଶା ସଂଗୀତ ନାଟକ ଏକାଡେମୀ ତରଫରୁ ରାଉରକେଲାରେ କିପରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ସେ ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ । ଉଦ୍‌ଘାଟକ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ ନାଟ୍ୟକାରଙ୍କ ନିଶାରେ ଥାଏ ନାଟକ । ତାଙ୍କ ଲେଖନୀରେ ସମାଜର ଚିତ୍ର ପ୍ରତିଫଳିତ ହୋଇଥାଏ । ୨୪ଟି ନାଟ୍ୟାନୁଷ୍ଠାନ ଏକାଠି ହୋଇ କାର୍ଯ୍ୟ କରିବା ବିରଳ ଘଟଣା । ସମ୍ମାନିତ ଅତିଥି ଶ୍ରୀ ଶତପଥୀ ତାଙ୍କ ବକ୍ତବ୍ୟରେ ସମାଜ ପ୍ରତି ସମର୍ପିତ ନାଟକ ଦର୍ଶକୀୟ ଆଦୃତି ଲାଭ କରେ ଓ ଏହାର ବାର୍ତ୍ତା ସୁଦୂର ପ୍ରସାରୀ ହୋଇଥାଏ । ଆର୍‌ଏସ୍‌ପି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଯଥାସମ୍ଭବ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ନାଟକ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ପଦ୍ମଶ୍ରୀ ଅରୁଣା ମହାନ୍ତି, ବିଦ୍ୟୁଭୂଷଣ ନନ୍ଦ, ବଟକୃଷ୍ଣ ସ୍ୱାଇଁ, ପିତାମ୍ବର ପୁହାଣ, ଶଙ୍କର ପ୍ରସାଦ ନାୟକ, ଅଛୁ ପ୍ରଧାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ, ମେମୋଣ୍ଟୋ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ର ଗୁଡିକୁ ସର୍ବଶ୍ରୀ ଉପସଭାପତି କୈଳାଶ ପାଣିଗ୍ରାହୀ, ଅଶୋକ ବଳ, ପ୍ରଫୁଲ୍ଲ ସେଠୀ, ଅନିଲ ମଲ୍ଲିକ, ବିଜୟ ଭୋଳ ଓ ନିବେଦିତା ଜେନା ପ୍ରମୁଖ ପଠନ କରିଥିଲେ । ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ଭାବେ ଉଦଘାଟକ, ସମ୍ମାନିତ ଅତିଥି ଓ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ଏକତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ସାଧାରଣ ସଂପାଦକ ଶ୍ରୀ ପାତ୍ର ସଂପାଦକୀୟ ବିବରଣୀ ପାଠ କରିବା ସହ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡିଶା ସଂଗୀତ ନାଟକ ଏକାଡେମୀ ରାଉରକେଲାରେ ମାସକୁ ଦୁଇଥର ନାଟ୍ୟ ଧାରା କାର୍ଯ୍ୟକ୍ରମ କରିବା ପାଇଁ ଅନୁରୋଧ କରିଥିଲେ । ସଂପୂର୍ଣ୍ଣ କାର୍ଯ୍ୟକ୍ରମରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଉପରେ ପୁଷ୍ପବୃଷ୍ଟି ତଥା ଅତିଥିଙ୍କୁ ପାଛୋଟି ଆଣିବା ପାଇଁ ଶଂଖନାଦ, ମୃଦଙ୍ଗ, ଝାଞ୍ଜ ଓ କାହାଳୀ ବାଦ୍ୟ ଦ୍ୱାରା ମଂଚକୁ ଆଣିବା ଦର୍ଶକଙ୍କୁ ଭିନ୍ନ ସ୍ୱାଦ ଦେଇଥିଲା ।

ଏହି କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ସୁରେନ୍ଦ୍ର ପାଢୀ, ଗଙ୍ଗାଧର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି, ପୁଷ୍ପା ବିଶୋଇ, ମୀନତି ମହାନ୍ତି, ଅଭିରାମ ପ୍ରଧାନ, ସତ୍ୟ ମହାପାତ୍ର, ରାଜକୁମାର ମହାନ୍ତି, ନିତା ଗୋସ୍ୱାମୀ, ସୁଦେଷ୍ଣା ରାଉତ, ରମେଶ ମହାନ୍ତି, ନଗେନ ଦାସ, ପ୍ରଫୁଲ୍ଲ ସାମଲ, ମୋନିକା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସହସଂପାଦକ ନଳିନୀ ନିହାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିସ୍ ଟିନ୍ ଇଣ୍ଡିଆ ଆଇରନ ଗର୍ଲ ସବ୍‌ଟାଇଟଲ୍ ବିଜେତା ହେଲେ ମନମୁଣ୍ଡା ଝିଅ ତନିଶା

ଆଗଲପୁର, (ନିପ୍ର) : କୁହାଯାଏ ଝିଅ ତ କଣ କରିପାରିବ ! ମାତ୍ର ସେ ଝିଅ ଯେତେବେଳେ ସଫଳତାର ପାହାଚ ଚଢେ ସେ ସମୟରେ ସମସ୍ତେ ତାର ସଫଳତାକୁ ସଲାମ କରନ୍ତି । ନୂଆଦିଲ୍ଲୀ ସ୍ଥିତ ପାମଗ୍ରୀନ ପଂଚତାରକା ହୋଟେଲରେ ଅକ୍ଟୋବର ୨୯ ତାରିଖରେ ଅନୁଷ୍ଠିତ ମିଷ୍ଟର ଏବଂ ମିସ୍ ଟିନ୍ ଇଣ୍ଡିଆ ୨୦୨୧ ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲା ମନମୁଣ୍ଡାର ଝିଅ ତନିଶା ଅଗ୍ରୱାଲ ମିସ୍‌ଟିନ୍ ଇଣ୍ଡିଆ ଆଇରନ ଗର୍ଲ ସବ୍‌ଟାଇଟଲ୍ ୨୦୨୧ ବିଜେତା ହୋଇଛନ୍ତି । ଏଲି କ୍ଲବ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଦେଶସାରା ୧୨ଟି ସ୍ଥାନରେ ଅଭିନୟ ହୋଇଥିଲା । ଭୁବନେଶ୍ୱରରେ ଅନୁଷ୍ଠିତ ଅଡସନ୍‌ରେ ହଜାର ହଜାର ଝିଅମାନଙ୍କ ମଧ୍ୟରୁ ମନମୁଣ୍ଡା ଗ୍ରାମର ଝିଅ ତନିଶା ଅଗ୍ରୱାଲ ମନୋନୀତ ହୋଇ ଦିଲ୍ଲୀ ସ୍ଥିତ ରେଡିଏସନ୍ ହୋଟେଲରେ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡକୁ ଯାଇଥିଲେ ଏବଂ ସେଠାରୁ ଫିନାଲେ ପାଇଁ ୫୭ଜଣ ଝିଅଙ୍କୁ ମନୋନୀତ କରାଯାଇଥିଲା । ଏହି ଫିନାଲେ ପ୍ରତିଯୋଗିତାରେ ସୋନପୁର ମଡେଲ ଡିଗ୍ରୀ କଲେଜରେ ଯୁକ୍ତ ୩ କଳା ପ୍ରଥମ ବର୍ଷରେ ପଢୁଥିବା ତନିଶା ଅଗ୍ରୱାଲ ଭାଗନେଇ ମିସ୍ ଟିନ୍ ଇଣ୍ଡିଆ ସବ୍‌ଟାଇଟଲ ବିଜେତା ପୁରସ୍କାର ପାଇ ଉଭୟ କଲେଜ ଓ ନିଜ ଗ୍ରାମ ମନମୁଣ୍ଡା ତଥା ବୌଦ୍ଧ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ପୁରସ୍କାର ପାଇ ଏଠାକୁ ଆସିଲା ପରେ ମନମୁଣ୍ଡାରେ ଖୁସିର ଲହରୀ ଖେଳି ଯାଇଛି ଓ ତାଙ୍କ ସହପାଠୀ, ବନ୍ଧୁବାନ୍ଧବ, ସ୍ଥାନୀୟ ବାସିନ୍ଦା ତନିଶାକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ତନିଶା ଅଗ୍ରୱାଲ ମନମୁଣ୍ଡାର ବିଶିଷ୍ଟ ବ୍ୟବସାୟୀ ରାମଚନ୍ଦ୍ର ଅଗ୍ରୱାଲ ଓ ରୀନା ଅଗ୍ରୱାଲଙ୍କ ଝିଅ ଅଟନ୍ତି ।




# ସଇଁନ୍ତଲାରେ ତାଲୁକା ଆଇନ ସେବା ପକ୍ଷରୁ ଶ୍ରମିକ କାର୍ଡ ରେଜିଷ୍ଟ୍ରେସନ

ସଇଁନ୍ତଲା, (ନିପ୍ର) : ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ଲୋକନାଥ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆଜି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବାଳିକା ଉଚ୍ଚ ବିଦ୍ୟାଳୟ(ନୂତନ) ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସଇଁନ୍ତଲା ତାଲୁକ ସ୍ତରୀୟ ଆଇନସେବା ପ୍ରାଧିକରଣ ତଥା ରାଷ୍ଟ୍ରୀୟ ମହିଳା ଆୟୋଗ, ବଲାଙ୍ଗିରଙ୍କ ମିଳିତ ସହଯୋଗରେ ଘରୋଇ ହିଂସା, ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ନିମନ୍ତେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଦେବାଶିଷ ଦାସ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇନସେବା ପ୍ରାଧିକରଣ ବିଷୟରେ ବିସ୍ତୃତି ବିବରଣୀ ମଧ୍ୟ ପ୍ରଦାନ କରିଥିଲେ । ପ୍ରାଧିକରଣ ଦ୍ୱାରା ମନୋନୀତ ମଞ୍ଜୁଶ୍ରୀ ସାହୁ ଓ ଯାଜ୍ଞସିନି ମହାନନ୍ଦ ମହିଳାମାନଙ୍କ ସୁରକ୍ଷା ନିମିତ୍ତ ଭାରତୀୟ ସମ୍ବିଧାନରେ ପ୍ରଣୀତ ବିଭିନ୍ନ ବିଚାର ବିଭାଗୀୟ ଧାରା ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ପ୍ରଭାରୀ ଅଧିକାରୀ ପ୍ରୀତମ କୁମାର ତ୍ରିପାଠୀ, ଆଇନଜୀବୀ କୁଶଳ କୁମାର ପଟେଲ, ଅଭିଶାଳା କୁମାର ମୋଦୀ ପ୍ରମୁଖ ଆଇନସେବା ପ୍ରାଧିକରଣ ବିଷୟରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଇଁନ୍ତଲା ଜେଏମ୍‌ଏଫ୍ କୋର୍ଟର ବିଚାରପତି ତଥା ଆଇନସେବା ପ୍ରାଧିକରଣର ଅଧକ୍ଷ ପ୍ରଭାତ ସାମଲଙ୍କ ସହ ଟିଟିଲାଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଡ଼. ଲଳିତ ବାଗ, ଆଇନଜୀବୀ ସୁବୋଧ ମିଶ୍ର, ସ୍ଥାନୀୟ ସିଡ଼ିପିଓ ସବିତା ଦାସଙ୍କ ସମେତ ଅଙ୍ଗନବାଡି କର୍ମୀ ଓ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ ।



# ପୁରୁଣା ପ୍ରତିଶ୍ରୁତିର ଜବାବ ଦିଅନ୍ତୁ ମୁଖ୍ୟମନ୍ତ୍ରୀ : ଆମ୍ ଆଦମୀ ପାର୍ଟି

ବରଗଡ, (ନିପ୍ର) : ମୁଖ୍ୟମନ୍ତ୍ରୀଙ୍କ ବରଗଡ ଜିଲ୍ଲା ଗସ୍ତ ପୂର୍ବରୁ ଆମ୍ ଆଦମୀ ପାର୍ଟି ପକ୍ଷରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରାଯାଇଛି । ବରଗଡ ଚିନିକଳ ପାଇଁ ଘୋଷଣା ହୋଇଥିବା ୧୧ କୋଟି ଟଙ୍କା କେବେ ମିଳିବ ? ବିଜେପୁର ଉପନିର୍ବାଚନ ପୂର୍ବରୁ ଦେଇ ଥିବା ପ୍ରତିଶ୍ରୁତି ବରପାଲି ଓଭର ବ୍ରିଜ ନିର୍ମାଣ କେବେ ଶେଷ ହେବ ? ବରଗଡ ପୁରୁଣା ହସ୍ପିଟାଲ କେବେ ପୂର୍ଣ୍ଣାଙ୍ଗ ସିଏଚ୍‌ସି ହେବ ? ସେହିପରି କ୍ୟାନ୍ସର ହସ୍ପିଟାଲ ଶିଳାନ୍ୟାସ କାହିଁକି ଅଟକି ଗଲା ବୋଲି ଜିଲ୍ଲା ଆବାହକ ପ୍ରଶ୍ନ କରିଛନ୍ତି । ସେହିପରି ଜିଲ୍ଲାରେ ଉତ୍କଟ ମରୁଡି ଘୋଷଣା କେବେ କରିବେ ? ଜିଲ୍ଲାର ବନ୍ଦ ପଡିଥିବା ୨୭୩ଟି ସରକାରୀ ସ୍କୁଲ କେବେ ଖୋଲିବେ ? ବସ୍ତି ବାସିନ୍ଦା ଓ ଭୂମିହୀନ ପରିବାରକୁ ଜମି ଅଧିକାର କେବେ ଦେବେ ? ବରଗଡ ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଖାଲି ପଡିଥିବା ଡାକ୍ତର ଓ ଷ୍ଟାଫ ନିଯୁକ୍ତି କେବେ ହେବ ? ଜିଲ୍ଲାର ବିରୋଜଗାର ଯୁବକ ଯୁବତୀଙ୍କୁ ଚାକିରୀ କେବେ ମିଳିବ ବୋଲି ଆପ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯାଇଛି । ଅନ୍ୟତମ ସଦସ୍ୟମାନଙ୍କ ମଧ୍ୟରେ ଆଡ଼ଭୋକେଟ ରମେଶ ପତି, ବରଗଡ ଜିଲ୍ଲା ସମ୍ପାଦିକା ମରିୟମ ବାର୍ଲା, ଅଲିମ ରିଜବି, ଦିଲ୍ଲୀପ ବାର୍ଲା, ରାଜ୍ୟ ଯୁବ ସମ୍ପାଦକ ପୌଲସ୍ତ୍ୟ ସାହା, ଅସିତ ସାହୁ, ସୁଦାମ ସାହୁ ମଞ୍ଚାସୀନ ଥିଲେ ।




# ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହେଲେ ରଙ୍ଗବତୀ ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆ



ସମ୍ବଲପୁର : ରଙ୍ଗବତୀ ଗୀତର ରଚୟିତା ତଥା ଗୀତିକାର ମିତ୍ରଭାନୁ ଗୌନ୍ତିଆ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ଗତକାଲି ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି ।

# ପର୍ବତାରୋହୀ, କବି, ଅଭିନେତ୍ରୀ ଲିପ୍ସାମୟୀ ପାଇବେ ଦେବଗିରୀ ଯୁବ ସମ୍ମାନ



ମ.ରାମପୁର, (ନିପ୍ର) : ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରୀ ସାଂସ୍କୃତିକ ଅନୁଷ୍ଠାନର ଦେବଗିରୀ ଯୁବ ସମ୍ମାନ ପାଇଁ ଓଡିଶାର ପ୍ରଥମ ଅଧ୍ୟାପିକା ପର୍ବତାରୋହୀ, କବି, ଅଭିନେତ୍ରୀ ଲିପ୍ସାମୟୀ ଦୁବେଙ୍କୁ ଦିଆଯିବ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଛି । ଏହି ଅନୁଷ୍ଠାନର କୁମାର ସ୍ୱାମୀ ମହୋତ୍ସବ ଆସନ୍ତା ୧୭ରୁ ୧୯ ତାରିଖରେ ହେବାକୁ ଥିବା ବେଳେ ଏହି ମହୋତ୍ସବ ଅବସରରେ ଦେବଗିରୀ ସମ୍ମାନ ପାଇବେ ଲିପ୍ସା । ଲିପ୍ସା ଏକାଧାରରେ ଜଣେ ପର୍ବତାରୋହୀ, ଯିଏକି ଭାରତ ବର୍ଷର ବିଭିନ୍ନ ପର୍ବତାରୋହଣ କରିଥିବା ବେଳେ ଜଣେ କବି ଭାବରେ ଓଡିଶାରେ ବେଶ ପରିଚିତ । କେବଳ ସେତିକି ନୁହେଁ ଜଣେ ଅଭିନେତ୍ରୀ ମଧ୍ୟ । ପ୍ରିୟମ ଡିଜିଟାଲ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ତାଙ୍କ ଅଭିନୀତ କ୍ଷୁଦ୍ର ଚଳଚିତ୍ର ଉକିଆ ବେଶ ଆଦୃତି ଲାଭ କରିଥିବା ବେଳେ ଆଉ ଏକ ଚଳଚିତ୍ର କପାଳ ଖୁବ୍ ଶୀଘ୍ର ଶୁଭମୁକ୍ତି କରିବ । ସେ ବର୍ତ୍ତମାନ ତେରେସିଂହାସ୍ଥିତ କୌଶିକ ବାବା ଡିଗ୍ରୀ କଲେଜର ଅଧକ୍ଷ ଭାବରେ କାର୍ଯ୍ୟରତ । ସେ ଶିକ୍ଷକ ମିହିର କୁମାର ଦୁବେ ଏବଂ ସୁଷମା ଦୁବେଙ୍କ ଝିଅ ତଥା ସଂସ୍କୃତିବିତ୍, କବି, ଅଭିନେତା ସ୍ୱର୍ଗତ ପଦ୍ମନାଭ ଦୁବେଙ୍କ ନାତୁଣୀ ଅଟନ୍ତି । ତେବେ ଏହି ସମ୍ମାନ ଘୋଷଣା ହେବା ପରେ ତାଙ୍କୁ ଯୁଗଯାତ୍ରୀ ସାହିତ୍ୟ ସଂସଦର ସଭାପତି ପଦ୍ମଲୋଚନ ମିଶ୍ର, ସଂପାଦକ ହେମନ୍ତ ସାହୁ, ମ.ରାମପୁର ପ୍ରେସକ୍ଲବ ସଭାପତି ପ୍ରଶାନ୍ତ ସାମନ୍ତରା, ପ୍ରିୟମ ଡିଜିଟାଲ ପ୍ରଡକ୍ସନର ପ୍ରଯୋଜକ ଆଶୁତୋଷ ଦାଶ, ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା, ଜିଲ୍ଲା କଂଗ୍ରେସ ସଂପାଦକ ବିଭୂତି ଭୂଷଣ ମହାଖୁଡ, ସମାଜସେବୀ ରଶ୍ମି ରଂଜନ ପ୍ରହରାଜ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ତାଙ୍କରି ପ୍ରତିଭାର ବିକାଶ କାମନା କରିଛନ୍ତି ।

# ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ : ଏନ୍ଏସିର ୩୦୧ ଜଣଙ୍କ ବିଜେଡିରେ ଯୋଗଦାନ



ପାଟଣାଗଡ, (ନିପ୍ର) : ପଞ୍ଚାୟତ ନିର୍ବାଚନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ଯେତିକି ପାଖେଇ ଆସୁଛି ପାଟଣାଗଡ ବିଜୁ ଜନତା ଦଳର କର୍ମୀ ମହଲରେ ସେତିକି ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଆଜି ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏନ୍ଏସି ସ୍ତରୀୟ ମିଶ୍ରଣ ପର୍ବରେ ଏନ୍ଏସିରୁ ୩୦୧ ଜଣ ବିଜେପି, କଂଗ୍ରେସ, ସମାଜସେବୀ, ସ୍ୱେଚ୍ଛାସେବୀ, ଯୁବକ ଯୁବତୀ, ବିଶେଷ କରି ମହିଳାମାନେ ଆଜି ବିଧିବଦ୍ଧ ଭାବରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ଏବଂ ବିଧାୟକ ସରୋଜ କୁମାର ମେହେରଙ୍କ ଲୋକ ପ୍ରିୟତା ଓ କାର୍ଯ୍ୟଦକ୍ଷତା ଉପରେ ଆଶା ପ୍ରକଟ ରଖି ବିଜୁଜନତା ଦଳରେ ସାମିଲ ହୋଇଛନ୍ତି । ବିଧାୟକ ଶ୍ରୀ ମେହେର ଦଳରେ ସାମିଲ ହୋଇଥିବା ନୂତନ କର୍ମୀମାନଙ୍କୁ ସ୍ୱାଗତ କରିବା ସହ ବିଜେଡି ଦଳୀୟ ଚିହ୍ନ ରହିଥିବା ଚାଦର ଅପର୍ଣ କରିଥିଲେ ।

ଆଗାମୀ ପଞ୍ଚାୟତ ନିର୍ବାଚନ ଓ ଏନ୍ଏସି ନିର୍ବାଚନରେ ସମସ୍ତ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସମସ୍ତଙ୍କ ସହଯୋଗ ଏବଂ ଉଦ୍ୟମ ଲୋଡା ବୋଲି ବିଧାୟକ ଶ୍ରୀ ମେହେର କହିଥିଲେ । ଆଜିର ମିଶ୍ରଣ ପର୍ବରେ ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ବହୁ ଦଳୀୟ ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ ।

# ସଂଚୟ ପକ୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଗାନ୍ଧୀ ଭବନଠାରେ ସଂଚୟ ପକ୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ ବର୍ଗ ପାଇଁ "ସମୃଦ୍ଧିର ସିଢିକୁ ସ୍ୱଳ୍ପ ସଂଚୟ ପାହାଚ'' ଓ ବରିଷ୍ଠ ବର୍ଗ ପାଇଁ "ଆର୍ଥିକ ଅନ୍ତର୍ଭୁକ୍ତି କରଣ କାହିଁକି ?'' ବିଷୟବସ୍ତୁ ରଖାଯାଇଥିଲା । ପ୍ରତିଯୋଗିତାରେ ବିଚାରକ ମର୍ଯ୍ୟାଦାରେ ଜଗଦାନନ୍ଦ ଛୁରିଆ, ଆନନ୍ଦ ଚନ୍ଦ୍ର ସାହୁ, ସନାତନ ଠାକୁର, ଅଚ୍ୟୁତ ପୁରୋହିତ, ରେବତୀକାନ୍ତ ସାହୁ, ସଂନ୍ଦୀପ କୁଁଅର ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଂଚ଼ୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ବିଜୟ କୁମାର ଶତପଥି ପ୍ରତିଯୋଗିତା ପରିଚ଼ାଳନା କରିଥିଲେ । କନିଷ୍ଠ ବର୍ଗରେ ଶ୍ୱେତାପରିମିତା ପଟେଲ, ଇପସିତା ପଟ୍ଟନାୟକ, ଶିବାନୀ ବିଶ୍ୱାଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ବରିଷ୍ଠ ବର୍ଗରେ ଅଭିଲାଷ ପଣ୍ଡା, ଓମ୍ ? ଅମୃତ ମହାନ୍ତି ଓ ସୋନି ଶତପଥି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ଅପରାହ୍ନରେ କିଲଟରୀ ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗିର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀମାନଙ୍କର ପୁରସ୍କାର ରାଶି ସେମାନଙ୍କ ବ୍ୟାଙ୍କ ପାସ୍ ?ବୁକ୍ ?କୁ ପ୍ରେରଣ କରାଯିବ ବୋଲି ସୁଶ୍ରୀ ସୋନିଆଶ୍ରୀ ମଲ୍ଲିକ ଭାରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଂଚ଼ୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ସୂଚ଼ନା ଦେଇଥିଲେ । ସୁଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୨ତମ ଜନ୍ମ ଉତ୍ସବ ଅବସରରେ ସହଯୋଗୀଙ୍କୁ ସମ୍ବର୍ଦ୍ଧିତ କଲା 'କୋଶଳ ପ୍ରବାହ' ପରିବାର











## ବାଦୀପଡା-ସଇଁନ୍ତଲା ବ୍ରିଜ ଆଉ ସମ୍ପୂର୍ଣ୍ଣ ହେବ କେବେ ?

# ଅଂଚଳବାସୀଙ୍କ ମଧ୍ୟରେ ଘନଉଛି ଘନଘୋର ଅସନ୍ତୋଷ



ସଇଁନ୍ତଲା, (ନିପ୍ର) : ବର୍ଷ ବର୍ଷ ବିତିଗଲାଣି, ହେଲେ ଅଧାପନ୍ତରିଆ ଭାବେ ପଡିରହିଛି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା-ବାଦୀପଡା ଲାଂଥ ନଦୀ ବ୍ରିଜ । ସ୍ଥାନୀୟ ରାଜନେତାଙ୍କ ଅଣଦେଖା ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଠିକ ଭାବେ କାର୍ଯ୍ୟ ସମ୍ପାଦନ ହୋଇପାରୁ ନଥିବା ଅଭିଯୋଗ ହୋଇଛି । ସୂଚନା ମତେ ଡୁଙ୍ଗୁରିପାଲି, କଅଁସର, ଘୁନସର ଭଳି ଅନେକ ପଞ୍ଚାୟତର ଲୋକେ ଏହି ବାଦୀପଡା ରାସ୍ତା ଦେଇ ନଦୀ ପାର ହୋଇ ଯା'ଆସ କରିଥାନ୍ତି । ସୂଚନାଯୋଗ୍ୟ ଯେ, ବାଦୀପଡା ନିକଟରେ ଉକ୍ତ ନଦୀ ଉପରେ ପ୍ରାୟ ୧୪ କୋଟି ଟଙ୍କା



ବ୍ୟୟରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଗତ ୧୮/୦୨/୨୦୧୬ରୁ ଆରମ୍ଭ ହୋଇଥିବା ବେଳେ ଏହି ପୋଲ ନିର୍ମାଣ କାର୍ଯ୍ୟ ଗତ ୧୪/୦୫/୨୦୧୮ ମସିହାରେ ସମାପ୍ତ ହେବା କଥା । ହେଲେ ଠିକାଦାରଙ୍କ ଅବହେଳା ଯୋଗୁଁ ବ୍ରିଜ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରୁନାହିଁ, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଘନଘୋର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଗତ ସୋମବାର ଦିନ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଉକ୍ତ ବ୍ରିଜର ତଦାରଖ କରିବା ପାଇଁ ଆସିଥିବା ବେଳେ ଅସନ୍ତୋଷ ଲୋକଙ୍କ ପ୍ରଶ୍ନ ବାଣରେ ଦୁଇ ମନ୍ତ୍ରୀ ଘାଇଲା ହୋଇଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ବର୍ଷ ଧରି ମନ୍ତ୍ରୀ ଶ୍ରୀମତୀ ସାହୁଙ୍କ ଦେଖା ଦର୍ଶନ ମିଳୁ ନଥିବା ଭଳି ଅଭିଯୋଗ ମଧ୍ୟ ଉଠାଇଥିଲେ ଲୋକେ । ତେବେ କେବେ ଏହି ବ୍ରିଜ ସମ୍ପୂର୍ଣ୍ଣ ହେବ, ତାହାକୁ ନେଇ ଅପେକ୍ଷା ରହିଛି । ଅନେକ ଥର ସ୍ଥାନୀୟ ଲୋକମାନେ ଜାତୀୟ ରାଜପଥ ଅବରୋଧ କରିବା ପରେ ପ୍ରଶାସନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ, ହେଲେ ପ୍ରତିଶ୍ରୁତି ପାଣିର ଗାର ପାଲଟିଗଲା ।

ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ଅଂଚଳବାସୀ ।



ବର୍ଷା ଦିନେ ଆମେ ସ୍କୁଲ୍ କେ ପଢ଼ି ଯାଇ ନାଇଁ ପାର୍‌ବାର୍ । ବ୍ରିଜ୍ କାମ୍ କେଭେ ସର୍‌ବା ଯେ ମାହାପୁରୁ କେ ଜନା । ବର୍ଷା ଦିନେ ଡଙ୍ଗା କେ ଭରସା କରି ପାର୍ ହେଇ କରି ଆମେ ପାଠ ପଢି ଯାଏସୁଁ । ଯଦି ସରକାର ଟିକେ ଇ' ବ୍ରିଜ୍ କାମ୍ ସାର୍‌ବାର୍ ଲାଗି ଚିନ୍ତା କର୍‌ତେ ବଏଲେ ବନେ ହେତା । ଆମର୍ ଛୁଆ ମାନ୍‌କର୍ ଗୁଲ୍‌ଗୁଲା କେ ସରକାର୍ ଧିଆନ୍ ଦେବାର୍ କଥା ।

**ଶ୍ରୀପତି ସାହୁ, ଛାତ୍ର**



ବ୍ରିଜ ଲାଗି ଆମେ କହି କହି ଅଥା ହେଲା ଉତ୍‌ରୁ ରାଜରାସ୍ତାକେ ଉତ୍‌ରି କରି ବନେ ଥର ଆନ୍ଦୋଳନ କଲୁଁନ' । ହେଲେ ଆମର କଥା କେ ସରକାର୍ ନାଇଁ ଶୁନବାର୍ । ଏଭେ ମନ୍ତ୍ରୀ ସୁଶାନ୍ତ ସିଂ ବି ଆସିଥିଲେ । ହେଲେ ଆମର କଥା ନାଇଁ ଶୁନିକରି ରିସ୍‌ମି ହେଇ କରି ସଁ ସଁ ଫଁ ଫଁ ହେଇ ପଲେଇ ଗଲେ । ହେତିର୍ ଲାଗି ଆଏବାର୍ ଦିନେ ଆନ୍ଦୋଳନ ଜୋର୍‌ଦାର୍ କର୍‌ବାର୍ ସାଙ୍ଗେ ଆଏବାର୍ ସମିଆଁ ଥି ଭୋଟ୍ ବି ନାଇଁ ଦଉ ବଲି ଆମର୍ ଅଞ୍ଚଲର୍ ଲୋକ୍ ଚିନ୍ତା କରିଛୁଁ ।

**ପୂର୍ବତନ ସରପଞ୍ଚ ମୁକୁନ୍ଦ ନାଗ**

## ଭିନ୍ନକ୍ଷମମାନଙ୍କ ଅଧିକାର ଓ ଅଧିନିୟମ-୨୦୧୬ ଏବଂ ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନତା ଶିବିର




ବଲାଙ୍ଗିର, (ନିପ୍ର) : ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ବଲାଙ୍ଗିରର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଭିନ୍ନକ୍ଷମ ମାନଙ୍କ ଅଧିକାର ଓ ଅଧିନିୟମ-୨୦୧୬ ଏବଂ ବିଭିନ୍ନ ଯୋଜନା ସଂପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ଅଧିକାର ଏବଂ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଭିନ୍ନକ୍ଷମ ଅଧିକାର ଅଧିନିୟମ-୨୦୧୬ରେ ଥିବା ବ୍ୟବସ୍ଥା ଓ ଭିନ୍ନକ୍ଷମ ମାନଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗ ଉପରେ ସେ ସବିଶେଷ ଆଲୋଚନା କରିଥିଲେ । ଭିନ୍ନକ୍ଷମ ମାନଙ୍କୁ ସ୍ୱାବଲମ୍ବୀ କରିବା ତଥା ସେମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ସେ ସୂଚନା ଦେବା ସହ ଭିନ୍ନକ୍ଷମ ମାନଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଚଂଚଳ ରାଣା ଏହି ସଚେତନତା ଶିବିରରେ ବକ୍ତବ୍ୟ ରଖି ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସଂପର୍କରେ ଆଲୋକପାତ କରି ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସଚେତନତା ଶିବିରରେ ଦୁଇ ଦମ୍ପତି ଦୁର୍ଯ୍ୟୋଧନ ସାହୁ ଓ କମଳିନୀ ସାହୁ ଏବଂ ବନମାଳି ସେଠ୍ ଓ ବାସନ୍ତୀ ସେଠ୍‌ଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରତ୍ୟେକ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ଓ ଜଣେ ହିତାଧିକାରୀ ରାଜକୁମାର ବାଗଙ୍କୁ ହୁଇଲ୍ ଚେୟାର୍ ପ୍ରଦାନ କରାଯାଇଥିଲା । ଏହି ସଚେତନତା ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲୀପ କୁମାର ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଭୀମ ସାହୁ, ଉପ ଜିଲ୍ଲାପାଳ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର, ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ସଚେତନତା ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ସହ ସଚେତନତା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ ।

**'କୋଶଳ ପ୍ରବାହ'ର ୨୨ତମ ଜନ୍ମ ଉତ୍ସବ ଅବସରରେ 'କୋଶଳ ପ୍ରବାହ ସମ୍ମାନ-୨୦୨୧' ଗ୍ରହଣ କରୁଛନ୍ତି ବିଶିଷ୍ଟ ଶିକ୍ଷାବିଦ୍ ଡ.ଶିବପ୍ରସାଦ ବେହେରା । ସେହିପରି 'କବିଶିଳ୍ପୀ ଛନ୍ଦାଚରଣ ସ୍ମୃତି ସମ୍ମାନ' କବି ଶୁଭ୍ରାଂଶୁ ଶେଖର ପଣ୍ଡା ଏବଂ 'କବି ଚତୁର୍ଭୁଜ ସାଆନ୍ତ ସମ୍ମାନ' କବି ପୁସ୍ତମ ଯୁଆଡ଼ି ଗ୍ରହଣ କରୁଛନ୍ତି ।**









# ପଞ୍ଜାବ ନିର୍ବାଚନ ପୂର୍ବରୁ ଆପ୍‌କୁ ବଡ ଝଟ୍‌କା : ରୁପିନ୍ଦର କୌର ରୁବି ଛାଡିଲେ ପାର୍ଟି



ଚଣ୍ଡିଗଡ଼ : ପଞ୍ଜାବରେ ବିଧାନସଭା ନିର୍ବାଚନ ପାଇଁ ଆଉ ଅଳ୍ପ ସମୟ ବାକି ରହିଛି । ଏହି ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ରାଜ୍ୟବାସୀଙ୍କୁ ଆକର୍ଷିତ କରିବା ପାଇଁ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି । ତଥାପି ପଞ୍ଜାବରେ ତାଙ୍କୁ ଏକ ବଡ ଝଟ୍‌କା ଲାଗିଛି । ପଞ୍ଜାବରେ ଆମ୍ ଆଦମୀ ପାର୍ଟିର ମହିଳା ନେତା ତଥା ଦଳର ବିଧାୟକ ବାଟିଣ୍ଡାର ରୁପିନ୍ଦର କୌର ରୁବି ଆପ୍‌ର ପ୍ରାରମ୍ଭିକ ସଦସ୍ୟତାରୁ ଇସ୍ତଫା ଘୋଷଣା କରିଛନ୍ତି । ବାଟିଣ୍ଡା ବିଧାୟକ ରୁପିନ୍ଦର କୌର ରୁବି ଟ୍ୱିଟ୍ କରି ଆମ୍ ଆଦମୀ ପାର୍ଟି ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଲେଖିଛନ୍ତି, "ଶ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଜୀ କନଭେନର, ଏଏପି ଏବଂ ଭଗବଂତ ମାନ ଜୀ, ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ, ମୁଁ ତୁରନ୍ତ ଆମ୍ ଆଦମୀ ପାର୍ଟିର ସଦସ୍ୟତା ପଦରୁ ଇସ୍ତଫା ଦେଉଛି । ଦୟାକରି ମୋର ଇସ୍ତଫା ଗ୍ରହଣ କରନ୍ତୁ । ଧନ୍ୟବାଦ । ରୁପିନ୍ଦର କୌର ରୁବି ।"

# ବିବାହ ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ପଦ୍ମପୁର, (ନିପ୍ର) : ପଦ୍ମପୁର ବ୍ଲକ ଅନ୍ତର୍ଗତ କନସିଂହା ଗ୍ରାମରେ ଘନଶ୍ୟାମ ଶତପଥୀ ଓ କୁନ୍ତଳା ଶତପଥୀଙ୍କ ପୁତ୍ର ଜୟନ୍ତ ସହିତ ସୁଜାତାଙ୍କ ବିବାହ ଉପଲକ୍ଷେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ପ୍ରକୃତିବନ୍ଧୁ ମୀନକେତନ ସାହୁ ନବ ଦମ୍ପତିଙ୍କୁ ବୃକ୍ଷ ଉପହାର ପ୍ରଦାନ କରିବା ପରେ ବିବାହ ଦିନର ସ୍ମୃତି ସ୍ୱରୂପ ବୃକ୍ଷ ରୋପଣ କରିଥିଲେ । ପୃଥିବୀରେ ପରିବେଶ ପ୍ରଦୂଷଣ ଓ ଉତ୍ତପ୍ତି କରଣ ବୃଦ୍ଧି ହେଉଥିବା ବେଳେ ଏଭଳି ଅଭିନବ ବୃକ୍ଷ ରୋପଣ ପରିବେଶ ସୁରକ୍ଷା କ୍ଷେତ୍ରରେ ଜନ ସଚେତନତା ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି ।

# ଜିଲ୍ଲାସ୍ତରୀୟ ଖରିଫ ଧାନକିଣା ପ୍ରସ୍ତୁତି ବୈଠକ : ନଭେମ୍ବର ୨୯ରୁ ଆରମ୍ଭ ହେବ ଧାନ କିଣା

## - ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛି ଏଫ୍‌ସିଆଇ : ନରସିଂହ
## - ସିସି ଟିଭିରେ କଏଦ ହେଉ ଧାନ କିଣା ପ୍ରକ୍ରିୟା : ସରୋଜ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଖରିଫ ଧାନକିଣା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଖରିଫ ଋତୁ ପାଇଁ ଆସନ୍ତା ୨୯ ନଭେମ୍ବରରୁ ଜିଲ୍ଲା ତମାମ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବା ନେଇ ସର୍ବ ସମ୍ମତି ପ୍ରକାଶ ପାଇଛି । ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ପାଟଣାଗଡ ବିଧାୟକ ସରୋଜ ମେହେର, ସାଂସଦ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଲୋଇସିଂହା, ଟିଟିଲାଗଡ ବିଧାୟକଙ୍କ ପ୍ରତିନିଧି, ସଇଂସଦ ପ୍ରତିନିଧି, ପାଟଣାଗଡ ଓ ଟିଟିଲାଗଡ ଉପଜିଲ୍ଲାପାଳ ସମେତ ଯୋଗାଣ, କୃଷି, ସମବାୟ, ଏଫ୍‌ସିଆଇ, ଚାଷୀ ପ୍ରତିନିଧି, ମିଲ୍ ମାଲିକମାନେ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗତ ୩ ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଚାଷୀଙ୍କ ଠୁ ଆଉ ଧାନ କିଣୁ ନଥିବା ନେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ତିବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏଣୁ ଏଫ୍‌ସିଆଇ ଅଧିକାରୀ ନିଶ୍ଚିତ ଭାବରେ ଅଦାଲତ ଅବମାନନା ଅଭିଯୋଗର ସମ୍ମୁଖୀନ ହେବେ ବୋଲି ଶ୍ରୀ ମିଶ୍ର କହିଥିଲେ ସେ ଆହୁରି କହିଥିଲେ ଯେ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଲା ଧାନ କିଣା ଓ କେଉଁମାନେ କିଣିବେ । ଧାନକିଣାରେ ମିଲର୍ସଙ୍କ ଭୂମିକା, ଧାନିକିଣା ଜାଗାରେ ଚାଷୀ ସମ୍ମୁଖିନ ହେଉଥିବା ଅଭାବ ଅସୁବିଧା ସମାଧାନ ପାଇଁ ଆଜି ନିଷ୍ପତି ନିଆଯିବ । ମାତ୍ର ଦୁଃଖର ବିଷୟ ଯୋଗାଣ ଅଧିକାରୀଙ୍କ ବିବରଣୀ କହୁଛି ଯେ, ଧାନକିଣାକୁ ନେଇ ଅନେକ କିଛି ପୂର୍ବରୁ ନିର୍ଦ୍ଧାରିତ ହୋଇସାରିଛି । ତେଣୁ ଏହା ଏହି ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ସଦସ୍ୟମାନେ କଣ ରବର ଷ୍ଟାମ୍ପ ବୋଲି ସେ ପ୍ରଶ୍ନ କରିବା ସହ ଏହି ଘଟଣାକୁ ମୁଁ ବିରୋଧ କରୁଛି ବୋଲି ସ୍ପଷ୍ଟ ଭାବେ ଲିପିବଦ୍ଧ କରାଯାଉ ବୋଲି କହିଥିଲେ । ସେହିପରି ପାଟଣାଗଡ ବିଧାୟକ ସରୋଜ ମେହେର କହିଥିଲେ ଯେ, ଧାନ କିଣା ସମୟରେ ମିଲର୍ସମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି । ପ୍ୟାକ୍ସମାନଙ୍କରେ ଧାନ ସଂଗ୍ରହ ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ଚାଷୀମାନଙ୍କ ଧାନ ଚୋରି ମଧ୍ୟ ହେଉଥିବା ଅଭିଯୋଗ ହେଉଛି । ତେଣୁ ଧାନକିଣା ପ୍ରକ୍ରିୟା ଶତ ପ୍ରତିଶତ ସିସି ଟିଭି ଦ୍ୱାରା ରେକର୍ଡ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ବିଧାୟକ ପ୍ରତିନିଧିମାନେ କଟ୍‌ନି ଛଟ୍‌ନି, ଧାନର ମାନ, ସଂଗ୍ରହର ବ୍ୟବସ୍ଥା, ଚାଷୀଙ୍କ ପାଇଁ ସୁବିଧା, ଧାନବସ୍ତାକୁ ନେଇଥିବା ସମସ୍ୟା ଉପରେ ପ୍ରଶାସନ ଠିକ୍ ହିସାବରେ ଚାଷୀଙ୍କ ହିତରେ କାମ କରୁ ବୋଲି ମତ ରଖିଥିଲେ । ଉପସ୍ଥିତ ସିଏସଓ ଓ ଏଆରସିଏସ୍ ଉକ୍ତ ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ରଶାସନ ତରଫରୁ କରାଯାଇଥିବା ବିଭିନ୍ନ ବ୍ୟବସ୍ଥାର ସବେଶେଷ ବିବରଣୀ ପ୍ରଦାନ କରିଥିଲେ । ପରେ ପରେ ଆଗାମୀ ୨୯ ତାରିଖରୁ ଧାନ କିଣା ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଚଂଚଳ ରାଣା ଘୋଷଣା କରିଥିଲେ । ଶେଷରେ ଜିଲ୍ଲା ଯୋଗାଣ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ପରିଣତ ବୟସରେ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ

ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ କେଛୋଦାଦର ଗ୍ରାମ ପଞ୍ଚାୟତ ଝାରମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଏହି ଗ୍ରାମର ପଦ୍ମା ଭୁଏଙ୍କୁ (୭୫) ନାମକ ଏକ ଅସହାୟ ବୃଦ୍ଧା ଓ ତାଙ୍କର ଝିଅ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ବୃଦ୍ଧାଟି ଚାଲିପାରୁ ନଥିବା ବେଳେ ଝିଅଟି ମାନସିକ ବିକାର ଗ୍ରସ୍ତ ହୋଇ ଘରେ ପଡିରହିଛି । ତାଙ୍କୁ ନା ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ନା ସରକାରୀ ସାହାଯ୍ୟ ମିଳୁଛି । ସରକାର ସାମାଜିକ କଲ୍ୟାଣ ଯୋଜନାରେ ମାଳ ମାଳ ଯୋଜନା ପ୍ରଣୟନ କରିଛନ୍ତି ହେଲେ ଏହି ମାଆ ଝିଅ ଉଭୟେ ପ୍ରଶାସନର ଅନ୍ତରାଳରେ ପଡିରହିଛନ୍ତି । ଭତ୍ତା ପାଇଁ ପଞ୍ଚାୟତ ପ୍ରଶାସନ ତଥା ବ୍ଲକ ପ୍ରଶାସନକୁ ଅନେକ ଥର ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ । କେବଳ ଚାଉଳ ୫ କେଜି ବ୍ୟତୀତ କୌଣସି ସହାୟତା ମିଳି ପାରିନାହିଁ । ଆହା କରିବାକୁ ମଧ୍ୟ କେହି ନାହାନ୍ତି । ତେଣୁ ଏହି ବୃଦ୍ଧା ପରିବାର ପ୍ରତି ପାଇକମାଲ ବ୍ଲକ ପ୍ରଶାସନ ତଥା ବରଗଡ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ସଦୟ ହୋଇ ଭତ୍ତା ତଥା ଆର୍ଥିକ ସହାୟତା ପ୍ରଦାନ ପୂର୍ବକ ଉଭୟଙ୍କୁ ଥଇଥାନ କଲେ ରକ୍ଷା ପାଇ ପାରନ୍ତେ ବୋଲି ଜନ ସାଧାରଣରେ ଚର୍ଚ୍ଚା ହେଉଛି ।

















'କୋଶଳ ପ୍ରବାହ'ର ୨୨ତମ ଜନ୍ମ ଉତ୍ସବ ଅବସରରେ ବିଭିନ୍ନ ଦିଗରେ ବିଶେଷ ଅବଦାନ ପ୍ରଦାନ କରିଥିବା ପ୍ରତିଭାମାନଙ୍କୁ 'ମାଟିର ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡା.ରାମଚନ୍ଦ୍ର ହୋତା, ଆର୍ଥିକ ପରାମର୍ଶ ପ୍ରଦାନ କ୍ଷେତ୍ରରେ ଟ୍ୟାକ୍ସ ଆଡ୍‌ଭୋକେଟ୍ ମାନସ ରଂଜନ ବହିଦାର, ଲୋକସଂଗୀତ ସାଧନା କ୍ଷେତ୍ରରେ ଦଣ୍ଡଗୁରୁ କହ୍ନେଇ ବାଗ, ସଂଗୀତ ସାଧନା କ୍ଷେତ୍ରରେ କଣ୍ଠଶିଳ୍ପୀ ନବୀନ କୁଅଁର ଏବଂ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଓ ନୃତ୍ୟ ସାଧନା କ୍ଷେତ୍ରରେ ଯଶସ୍ୱିନୀ ସୁଚିସ୍ମିତା ଷଡ଼ଙ୍ଗୀ 'ମାଟିର ଗୌରବ ସମ୍ମାନ' ଗ୍ରହଣ କରିଛନ୍ତି ।

# ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକ-ପ୍ରଶିକ୍ଷକ କର୍ମଶାଳା ଉଦ୍‌ଯାପିତ

ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲା ମହକୁମା ଛତ୍ରପୁର ସହରର ଶ୍ରୀରାମନଗରରେ ଅବସ୍ଥିତ ସହରର ୧ ନମ୍ବର ସଂସ୍କୃତିଧର୍ମୀ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗତ ୯ ତାରିଖରେ ଶିକ୍ଷକ ପ୍ରଶିକ୍ଷକ କର୍ମଶଳା ଉଦ୍‌ଘାଟିତ ହୋଇଛି । ବିଦ୍ୟାଭାରତୀର ଯୋଜନା ପ୍ରୋତ୍ସାହନାରେ ଅନୁଷ୍ଠିତ ଗଞ୍ଜାମ ଓ ଗଜପତି ଜିଲ୍ଲାର ଶିକ୍ଷକ ପ୍ରଶିକ୍ଷକ ତିନିଦିନିଆ ଏହି କାର୍ଯ୍ୟଶାଳାରେ ସର୍ବମୋଟ ୧୫ଜଣ ବିଜ୍ଞ ପ୍ରଶିକ୍ଷକ ପ୍ରଶିକ୍ଷଣ କ୍ଷେତ୍ରରେ ଅଂଶଗ୍ରହଣ କରିଛନ୍ତି ଏବଂ ଏହି ପ୍ରଶିକ୍ଷଣ କାର୍ଯ୍ୟଶାଳାରେ ୧୨୫ ଜଣ ଶିକ୍ଷାର୍ଥୀ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ପ୍ରମୁଖ ମୁଖ୍ୟ ଉପେନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ତାଙ୍କ ବକ୍ତବ୍ୟରେ ରାଷ୍ଟ୍ର ଶିକ୍ଷାନୀତିକୁ ସାର୍ବଜନୀନ କରିବା ଆମର ଦାୟୀତ୍ୱ ବୋଲି କହିଥିଲେ । ଗଞ୍ଜାମ ବିଭାଗ ନୀରିକ୍ଷକ ସରୋଜ ପଟ୍ଟନାୟକ ଅତିଥିଙ୍କ ପରିଚୟ ଦେଇ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ରୂପେ ପ୍ରାନ୍ତ-ପରୀକ୍ଷା ସହକାରୀ ସଂଯୋଜକ (ଶିକ୍ଷାବିକାଶ ସମିତି, ଭୁବନେଶ୍ୱର) ରୁଦ୍ରନାରାୟଣ ବେହେରା ଯୋଗଦେଇ ନୂତନ ଶିକ୍ଷାନୀତିରେ ଲାଗୁ ହେବା ଦ୍ୱାରା ଶିଶୁର ବିକାଶ ସମ୍ଭବ ଯଥେଷ୍ଟ ବୋଲି ତାତ୍ତ୍ୱିକ ଆଲୋଚନା ଦେଇଥିଲେ । ବିଦ୍ୟାଳୟର ସଭାପତି ଉପେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ହାଇକୋର୍ଟ ଓକିଲ ତଥା ସମ୍ପାଦକ ଶ୍ରୀପଦ୍ମ ଚରଣ ସାହୁ ପ୍ରଥମ ଦିନର ସେମିନାର ସକ୍ରୀୟ ଅଂଶଗ୍ରହଣ କରିଥିବା ପ୍ରବୀଣ ପ୍ରଶିକ୍ଷଣ ପ୍ରଶିକ୍ଷକଙ୍କୁ ଧନ୍ୟବାଦ ସହ ସାଧୁବାଦ ଜଣାଇଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ, କୋଷାଧକ୍ଷ ଏ.ରାବଣା ରାଓ ଏହି ତିନିଦିନିଆ ପ୍ରଶିକ୍ଷଣ କର୍ମଶଳାରେ ସହଯୋଗ କରିଥିଲେ । କର୍ମଶାଳାର ଦ୍ୱିତୀୟ ଦିବସରେ ଛତ୍ରପୁରର ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଅବିନାଶ ଶତପଥୀ ଯୋଗଦେଇ ଜାତୀୟ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ । ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ, ଦକ୍ଷିଣ ପୂର୍ବ ସମ୍ଭାଗର ସମ୍ଭାଗ- ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ (ଫୁଲବାଣୀ ବିଭାଗ), ନିରୀକ୍ଷକ ରଞ୍ଜନ କୁମାର ପ୍ରଧାନ, ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ବାଗ, ବ୍ରହ୍ମପୁରର ରାମହରି ନଗର ଶିଶୁବିଦ୍ୟା ମନ୍ଦିରର ଉପସଭାପତି ପିତାମ୍ବର ପାତ୍ର ପ୍ରମୁଖ ଯୋଗଦେଇ ସକ୍ରୀୟ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣର ତୃତୀୟ ଦିବସରରେ ପୋଲସରା ଶିଶୁବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଏ.ଲିଙ୍ଗରାଜ ତୃଣମୂଳସ୍ତରୀୟ ଶିକ୍ଷଣ ସମ୍ବଳ ଉପରେ ଆଲୋଚନା ଉପସ୍ଥାପିତ କରିଥିବା ବେଳେ ଭୋକେସନାଲ କ୍ଲାସରେ ରୁଦ୍ରନାରାୟଣ ବେହେରା, ପୁରୁଷୋତ୍ତମପୁରର ପ୍ରଧାନଆଚାର୍ଯ୍ୟ ଶିଶିର ମହାପାତ୍ର ଦକ୍ଷତା ବିକାଶ ଉପରେ ଆଲୋଚନା ଉପସ୍ଥାପିତ କରିଥିଲେ । ଶେଷରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଗୁରୁଜୀ ଦୀପକ କୁମାର ଦାଶ୍ (ଛତ୍ରପୁର)ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆଧୂନିକତାର ତାଳ ଦେଇ ଶିଶୁମାନଙ୍କର ଉନ୍ନତ ଓ ଶୃଙ୍ଖଳିତ ମାର୍ଗ ପ୍ରଦାନରେ ଏହି ତିନିଦିନିଆ ପ୍ରଶିକ୍ଷଣ ଉଚିତ ଫଳ ପ୍ରଦତ୍ତ ହେବ ଏବଂ ଉତ୍ତମ ଦିଗ ଦର୍ଶନ ଦେବ ବୋଲି ମତପ୍ରକାଶ ପାଇଛି । ଉଦ୍‌ଯାପନୀ ସମାରୋହରେ ଆୟୋଜକ ଛତ୍ରପୁର ଶିଶୁବିଦ୍ୟାମନ୍ଦିର ପକ୍ଷରୁ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ୍ ସମସ୍ତ ଅତିଥି, ପ୍ରଶିକ୍ଷଣ ଗୌଣ, ଶିକ୍ଷକ-ପ୍ରଶିକ୍ଷକଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ବିଭାଗ ପ୍ରମୁଖ ସରୋଜ ପଟ୍ଟନାୟକ ପ୍ରଶିକ୍ଷଣର ବୃତ୍ତ ପଠନ କରିଥିଲେ । ସମ୍ପାଦକ ପଦ୍ମଚରଣ ସାହୁ, ପ୍ରାନ୍ତପରୀକ୍ଷା ସହ-ସଂଯୋଜକ ରୁଦ୍ରନାରାୟଣ ବେହେରା, ସହ-ଜିଲ୍ଲା ପ୍ରମୁଖ ବିପନ ଚନ୍ଦ୍ର ପଟ୍ଟନାୟକ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସଂକୁଳ ପ୍ରମୁଖ ଜେ. କୁର୍ମା ରାଓ, ସଦସ୍ୟ ରାମପ୍ରସାଦ ପଟ୍ଟନାୟକ, ସଦସ୍ୟା ଶ୍ରୀମତୀ ସୁନୀତା ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନା କରିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ଉପେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

କୋଷାଧକ୍ଷ ଏ.ରାବଣା ରାଓ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ବିରାଟ-ଅନୁଷ୍କାଙ୍କ ଝିଅଙ୍କୁ ଦୁଷ୍କର୍ମ ଧମକ୍ ଦେଇଥିବା ଯୁବକ ଗିରଫ୍ : ଅଭିଯୁକ୍ତ ଜଣେ ସଫ୍ଟୱେର୍ ଇଂଜିନିଅର



ମୁମ୍ବାଇ : ଆଇସିସି କ୍ରିକେଟ୍ ବିଶ୍ୱ କପ୍‌ର ପ୍ରାରମ୍ଭରେ ଭାରତର ପ୍ରଦର୍ଶନ ଦୁଃଖଦାୟକ ରହିଥିବା ବେଳେ ଏଥିପାଇଁ ଭାରତୀୟ ଟିମ୍‌କୁ ଅନେକ କଟୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ଏପରିକି କିଛି ଲୋକ ଟିମ୍‌ର ଖେଳାଳୀ ତଥା ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଧମକ୍ ଦେବାର ଆରମ୍ଭ କରିଦେଲେ । ଏହି କ୍ରମରେ ଭାରତୀୟ ଟିମ୍‌ର କ୍ୟାପ୍‌ଟେନ୍ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ଝିଅଙ୍କୁ ଜଣେ ଯୁବକ ଦୁଷ୍କର୍ମ ଧମକ୍ ଦେଇଥିଲା । ତେବେ ଏହି ମାମଲାରେ ଏବେ ମୁମ୍ବାଇ ପୋଲିସ ଅଭିଯୁକ୍ତକୁ ଗିରଫ୍ କରିବାରେ ସଫଳତା ହାସଲ୍ କରିଛି । ମିଳିଥିବା ସୂଚନା ଅନୁସାରେ ଦୁଷ୍କର୍ମ ଧମକ୍ ଦେଇଥିବା ଯୁବକକୁ ମୁମ୍ବାଇ ସାଇବର୍ ସେଲ୍ ପୁଲିସ ହାଇଦ୍ରାବାଦରୁ ଗିରଫ୍ କରିଥିବା ବେଳେ ଅଭିଯୁକ୍ତ ଜଣକ ରାମନାଗେଶ ଶ୍ରୀନିବାସ ଅକୁବାଥିନୀ ଜଣେ ସଫ୍ଟୱେର୍ ଇଂଜିନିଅର ବୋଲି ଜଣାପଡ଼ିଛି ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ବିରୋଧୀ.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଛକରେ ପୋଲିସ ଓ ବିଜେପି କର୍ମୀ ଧସ୍ତାଧସ୍ତି ହୋଇଥିବା ଖବର ଆସିଥିଲା । ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ବିଜେପି ପାର୍ଟି ଅଫିସରୁ ବାହାରିଥିଲା ବାଇକ ରାଲି । ଭଟଲି ଛକରେ ବାଇକ ରାଲିକୁ ଅଟକାଇଛି ବରଗଡ ପୋଲିସ । ଏହି ସମୟରେ ପୋଲିସ ଓ ବିଜେପି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପୁଣି ବିଜେପୁରକୁ ଯିବାବେଳେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଗାଡ଼ିକୁ ବରଗଡ଼ ଏକାମ୍ର ଛକରେ କଂଗ୍ରେସ କର୍ମୀଙ୍କ ପକ୍ଷରୁ ଅଣ୍ଡାମାଡ ହୋଇଥିବା କୁହାଯାଇଛି ।

ପଦ୍ମପୁରରେ ସ୍ୱାସ୍ଥ୍ୟ କାର୍ଡ ବଂଟନ ପାଇଁ ଯାଉଥିବା ବେଳେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଗାଡ଼ିକୁ ଅଣ୍ଡାମାଡ଼ ହୋଇଥିବା ବେଳେ ପାଇକମାଳ ଛକରେ ବିଜେପି କର୍ମୀଙ୍କ ପକ୍ଷରୁ ମଧ୍ୟ ଅଣ୍ଡାମାଡ଼ ହୋଇଥିବା କୁହାଯାଉଛି ।

ଅନ୍ୟ ପଟେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ଗିରଫଦାରୀକୁ ନିନ୍ଦା କରାଯାଇଥିଲା । ଓଡ଼ିଶା ପୋଲିସ ଅପରାଧୀଙ୍କୁ ଧରିବା ବଦଳରେ ସାଧାରଣଙ୍କୁ ଗିରଫ କରୁଛି; ଶାସକ ବିଜେଡିର ଏଜେଂଟ ସାଜି ପ୍ରତିବାଦର ସ୍ୱରକୁ ଦମନ ପାଇଁ ଚେଷ୍ଟା କରୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରକାଶ କରିଥିଲେ ।

# ବଲାଙ୍ଗିରରେ ୬ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ...... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଲୋଡିଥିଲେ । ପରେ ପରେ ସ୍ଥାନୀୟ କଚେରୀ ଛକଠାରେ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିବା ସହ ମୁଖ୍ୟମନ୍ତ୍ରୀ ନବୀବ ପଟ୍ଟନାୟକ ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ସନ୍ତକ ବହିଦାର, ମନିଷ ମିଶ୍ର, ରାଜ୍ୟ ସଂପାଦକ ଉମା ଶଙ୍କର ପଣ୍ଡା, ଜୁଲୁ ପଟ୍ଟନାୟକ, ସଞ୍ଜୟ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର, ଅଙ୍କିତ ସାହୁ, ଲୋପନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, କଂଗ୍ରେସର ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ନେଇ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସାମ୍ନାକୁ ଆସିଛି । କଂଗ୍ରେସର ସଂପୂର୍ଣ୍ଣ ବନ୍ଦ ପାଳନକୁ ମନା କରିଥିଲେ ହାଇକୋର୍ଟ । ଶାନ୍ତିପୂର୍ଣ୍ଣ ଭାବେ କେବଳ ହରତାଳ କରିପାରିବେ କଂଗ୍ରେସ କର୍ମୀ ବୋଲି ଦର୍ଶାଇଥିଲେ ।

ସୂଚନାଯୋଗ୍ୟ ଯେ, ନଭେମ୍ବର ୧୨ ଓଡ଼ିଶା ବନ୍ଦକୁ ନେଇ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ମମିତାଙ୍କୁ ନ୍ୟାୟ ଦାବୀରେ ବନ୍ଦ ଡାକରା ଦେଇଥିଲା କଂଗ୍ରେସ । ସକାଳ ୬ଟାରୁ ଦିନ ୧୨ଟା ଯାଏଁ ବନ୍ଦ ପାଳନ କରିବାକୁ କୁହାଯାଇଥିଲା । ବନ୍ଦ ବେଳେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଅନୁମତି ଦିଆଯାଇଥିବା ବେଳେ ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହେବ ବୋଲି ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ପ୍ରକାଶ କରିଥିଲେ । ଆହୁରି କୁହାଯାଇଥିଲା ଯେ, ଓଡିଶାରେ ସମସ୍ତ ରେଳ ଚଳାଚଳ ସକାଳ ୬ ଟାରୁ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିବ । କଂଗ୍ରେସ କର୍ମୀ ରାଜ୍ୟ ସାରା ପିକେଟିଂ କରିବେ । ସମସ୍ତ ସମଭାବାପର୍ଣ୍ଣ ଦଳଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲା କଂଗ୍ରେସ । ପରୀକ୍ଷାର୍ଥୀ, ରୋଗୀ, ବରିଷ୍ଠ ନାଗରିକ, ମେଡ଼ିକାଲ ସେବାଗୁଡ଼ିକୁ ବନ୍ଦରୁ ବାଦ ଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା ।

ବନ୍ଦ ସଂପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ କହିଥିଲେ ଯେ, ଆମେ ଶାନ୍ତିପୂର୍ଣ୍ଣ ଭାବେ ୬ ଘଣ୍ଟିଆ ଧର୍ମଘଟ ଡାକରା ଦେଇଛୁ, ଜୋର ଜବରଦସ୍ତ ବନ୍ଦ ପାଳନ ନେଇ ଆମେ କେବେ କହିନାହୁଁ । ଜୋର ଜବରଦସ୍ତ ବନ୍ଦ ପାଳନ କରାଯିବନାହିଁ ।

## ‘ସାଂପ୍ରତିକ ସମୟ ଓ ଗଣମାଧ୍ୟମ’ ଶୀର୍ଷକରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନେ ‘କୋଶଳ ପ୍ରବାହ’ର ୨୨ତମ ଜନ୍ମ ଉତ୍ସବରେ ପୁରସ୍କାର ଗ୍ରହଣ କରୁଥିବା ଦୃଶ୍ୟ ସମୂହ ।













# ଜିଲ୍ଲାରେ ବେଧଡ଼କ୍ ଶ୍ରମିକ ଚାଲାଣ ଜାରି ଅଛି : ମାଲ ମାଲ ସରକାରୀ ଯୋଜନା ତୁଚ୍ଛ, ପ୍ରଶାସନ ସାଜିଛି ନିଦା ବିଷ୍ଣୁ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ ଆରମ୍ଭ ହୋଇଯାଇଛି ଶ୍ରମିକ ଚାଲାଣ ଋତୁ । ସର୍ଦ୍ଦାରମାନେ ଏବେ ବେଧଡ଼କ୍ ଶ୍ରମିକ ଚାଲାଣରେ ଲାଗି ପଡ଼ିଥିବା ବେଳେ ମାଲ ମାଲ ସରକାରୀ ଯୋଜନା ଶ୍ରମିକଙ୍କ ମୁହଁରେ ଆହାର ଯୋଗାଇ ଦେବାରେ ଫେଲ୍ ପ୍ରମାଣ ହୋଇଛି । ଅନ୍ୟପକ୍ଷରେ ନିଦା ବିଷ୍ଣୁ ସାଜିଛି ଜିଲ୍ଲା ପ୍ରଶାସନ । ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରମିକଙ୍କ ହାତରେ କାମ ନାହିଁ । ପେଟ ପୋଷିବା ପାଇଁ ରାସ୍ତା ନାହିଁ । ମନରେଗା ଯୋଜନାରେ କାମ କଲେ ବି ଅନେକ କ୍ଷେତ୍ରରେ ଠିକ୍ ସମୟରେ ପାଉଣା ମିଳୁନାହିଁ । ଦାଦନ ସର୍ଦ୍ଦାରମାନେ ଏହି ସୁଯୋଗକୁ ହାତଛଡ଼ା ନ କରି ମେଲେଇ ଦେଇଛନ୍ତି ତାଙ୍କ ଶ୍ରମିକ ଚାଲାଣ ବେପାର । ଏବେ ବସ୍, ଟ୍ରେନ୍ ଯୋଗେ ପ୍ରତ୍ୟହ ଶ୍ରମିକ ଚାଲାଣ ହେଉଥିବା ବେଳେ ଚୁପ୍ ବସିଛି ପ୍ରଶାସନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ପୁଣି କାଁ ଭାଁ କେଉଁଠି କେମିତି ବେଆଇନ ଭାବେ ଚାଲାଣ ହେଉଥିବା କିଛି ଶ୍ରମିକଙ୍କୁ ଉଦ୍ଧାର କରିଦେଇ ନିଜ ଦାୟିତ୍ୱ ନିଭେଇ ସାରିଥିବା ଅନୁଭବୁଛି ପ୍ରଶାସନ ।

ଶ୍ରମ ବିଭାଗ ଅଧୀନରେ ଶ୍ରମିକ ସର୍ଦ୍ଦାରମାନେ ଶହେ ଜଣ ଶ୍ରମିକଙ୍କ ପାଇଁ ଲାଇସେନ୍ସ କରିଥିଲେ, ସେହି ଲାଇସେନ୍ସ ବଳରେ ମାଲ ମାଲ ଶ୍ରମିକ ଚାଲାଣ କରୁଥିବା ବେଳେ ଏଥିପ୍ରତି ପ୍ରଶାସନର ସାମାନ୍ୟ ମଧ୍ୟ ଦୃଷ୍ଟି ନଥିବା ଚର୍ଚ୍ଚା ଏବେ ଜୋର୍ ଧରିଛି । ବାଧ୍ୟ ହୋଇ ପେଟ ଚାଖଣ୍ଡକ ପାଇଁ ଶ୍ରମିକ ଏବେ ଚାଲାଣ ହେଉଛି ସର୍ଦ୍ଦାର ହାତରେ ବଇନା ନେଇ । ସର୍ଦ୍ଦାର ମାଲେମାଲ୍ ହେଉଥିବା ବେଳେ ଶ୍ରମିକମାନେ ଅସମ୍ଭାଳ ବିପଦପୂର୍ଣ୍ଣ ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି । ବିଗତ ଦିନମାନଙ୍କରେ ଏଇ ଅଂଚଳର ଶ୍ରମିକମାନେ ଇଟା ଗଢ଼ିବା କାମରେ ବାହାର ରାଜ୍ୟକୁ ଯାଇ କେଉଁ ପ୍ରକାର ଦୁଃଖର ସାମ୍ନା କରିଛନ୍ତି, ତାହା ସାଧାରଣ ଜନତା ଠାରୁ ପ୍ରଶାସନ ଓ ସରକାର ଯାଏଁ ସମସ୍ତେ ସଠିକ୍ ଭାବେ ଜାଣନ୍ତି । ତଥାପି ଏଭଳି ଏକ କୁତ୍ସିତ ଶ୍ରମିକ ଚାଲାଣ ପରି ପରମ୍ପରାକୁ ରୋକିବା ପାଇଁ ପ୍ରଶାସନର ଆନ୍ତରିକତା ଶୂନ୍ୟ ଅବସ୍ଥା ବୁଦ୍ଧିଜୀବୀମାନଙ୍କୁ ତାଜୁବ୍ କରୁଛି ।

ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାରୁ ଲକ୍ଷାଧିକ ଶ୍ରମିକ ଚାଲାଣ ହେଉଥିବା ବେଳେ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ବଳବତ୍ତର କରିବା ପାଇଁ ନାନା ପ୍ରକାର ମାଲ ମାଲ ସରକାରୀ ଯୋଜନା ପ୍ରଣୟନ କରିଛନ୍ତି ସରକାର । କିନ୍ତୁ ଦୁଃଖର ବିଷୟ ଯେ, ଏହି ଯୋଜନା ସବୁ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ନଯିବା ପାଇଁ କୌଣସି ପ୍ରକାର ଖୋରାକ୍ ଯୋଗାଇ ପାରୁନାହିଁ । ପଡ଼ୋଶୀ ରାଜ୍ୟରୁ ଇଟାଭାଟି ମାଲିକମାନେ ଆସି ଏବେ ବେଲପଡ଼ା, କଂଟାବାଂଜି ଅଂଚଳରେ ଡେରା ପକାଇଥିବା ମଧ୍ୟ ଜଣାପଡୁଛି । କିନ୍ତୁ ପ୍ରଶାସନର ଅପାରଗତା ଯୋଗୁଁ ଶ୍ରମିକ ଚାଲାଣକାରୀ ସର୍ଦ୍ଦାର ଯେଭଳି ବିନ୍ଦାସ୍, ଏହି ଇଟାଭାଟି ମାଲିକମାନେ ମଧ୍ୟ ସେଭଳି ନିର୍ଭୟରେ ସର୍ଦ୍ଦାରମାନଙ୍କ ମାଧ୍ୟମରେ ଶ୍ରମିକ ଯୋଗାଡ଼ରେ ଲାଗି ପଡ଼ିଛନ୍ତି । ପାଟଣାଗଡ଼, ବେଲପଡ଼ା, କଂଟାବାଂଜି, ତୁରେକେଲା, ଖପ୍ରାଖୋଲ, ଲାଠୋର ଆଦି ଅଂଚଳରୁ ପ୍ରତ୍ୟହ ଶ୍ରମିକ ଚାଲାଣ ଚାଲିଥିବା ସୂଚନା ମିଳୁଛି । ଅନ୍ୟପକ୍ଷରେ କଂଟାବାଂଜି ରେଳ ଷ୍ଟେସନରେ ଦାଦନ ଶ୍ରମିକଙ୍କ ଭିଡ଼ ବେଶ୍ ଜମୁଛି । କିନ୍ତୁ ଏଥିପ୍ରତି ପ୍ରଶାସନର ନଜର ନପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ଜିଲ୍ଲା ପ୍ରଶାସନ ବସ୍ତି ପୁନଃସ୍ଥାପନ ପାଇଁ ଲଟେରି ଦ୍ୱାରା ଜାଗା ଆବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ




ବଲାଙ୍ଗିର, (ନିପ୍ର) : ଜିଲ୍ଲା ପ୍ରଶାସନ ବସ୍ତି ପୁନଃସ୍ଥାପନ ପାଇଁ ଲଟେରି ଦ୍ୱାରା 'ଜାଗା ମିଶନ' ଯୋଜନାରେ ଜାଗା ଆବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ସହରର ବିଭିନ୍ନ ସ୍ଥାନରେ ବିସ୍ଥାପିତ ହୋଇଥିବା ଜାଗାବିହୀନ ପରିବାରଙ୍କୁ ଚିହ୍ନଟ କରାଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନ୍ଏଚ୍ ବାଇପାସ୍ ନିକଟରେ ଏକ ସ୍ଥାନରେ ପ୍ଲଟିଂ କରାଯାଇ ୫୦୦ ପରିବାରକୁ ଥଇଥାନ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨୪୩ ଜଣଙ୍କୁ ଲଟେରି ମାଧ୍ୟମରେ ଜାଗା ଦିଆଯାଇଛି । ସୂଚନାଯୋଗ୍ୟ ଯେ, ସହରର ଆନନ୍ଦ ନଗର, ବିଭୂତିପଡ଼ା, ବ୍ରାହ୍ମଣପଡ଼ା, ହାଟପଦାପଡ଼ା ପ୍ରଭୃତି ଅଂଚଳର ବିସ୍ଥାପିତଙ୍କୁ ଜାଗା ବଂଟନ କରାଯାଇଛି । ସେମାନଙ୍କୁ ଗୃହନିର୍ମାଣ ପାଇଁ ତଥା ସେହି ସ୍ଥାନର ଅନ୍ୟାନ୍ୟ ଆଶବ୍ୟକୀୟ ବ୍ୟବସ୍ଥା ପାଇଁ ମଧ୍ୟ ବଲାଙ୍ଗିର ମ୍ୟୁନିସିପାଲିଟି ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଜିଲ୍ଲାପାଳ ଚଂଚଳ ରାଣା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରାଣାଙ୍କ ସହ ଡୁଡ଼ା ପିଡି ସୁଦର୍ଶନ ସାଏ, ଉପଜିଲ୍ଲାପାଳ ଲମ୍ବୋଧର ଧରୁଆ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପ, ଜେଇ ରୋଜାଲିନ, ଭକ୍ତ ତଥା ଅନ୍ୟ ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ ।




## ୧୧ ଦଫା ଦାବୀରେ କୋଶଲି କିଷାନ ସଭାର ବିକ୍ଷୋଭ : ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ



ବଲାଙ୍ଗିର, (ନିପ୍ର) : ମରୁଡି ଘୋଷଣା ସତ୍ତ୍ୱେ ଭୁଲ ନୀତି ଯୋଗୁଁ ଚାଷୀକୂଳ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି ବୋଲି କୋଶଲି କିଷାନ ସଭା ଅଭିଯୋଗ କରିଛି । ଏହି ପରିପ୍ରେକ୍ଷୀରେ ଆଜି କୋଶଲି କିଷାନ ସଭା ୧୧ ଦଫା ଦାବୀରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଛି । ଏହି ଦାବୀପତ୍ର ଅନୁସାରେ ଆଗାମୀ ୧୦ ଦିନ ମଧ୍ୟରେ ଓଡିଶାର ସମସ୍ତ ମରୁଡି ଗ୍ରସ୍ତ ଅଂଚଳକୁ ସଂପୂର୍ଣ୍ଣ ମରୁଡି ଘୋଷଣା କରାଯାଉ, ଅଗଷ୍ଟ ୨୦୦୨ ଅନୁଯାୟୀ ମରୁଡି ଘୋଷଣା ହେଉ, ଜଳସେଚିତ ଜମିରେ ହେକ୍ଟର ପ୍ରତି ୧୬୦୦୦ ଓ ଅଣଜଳସେଚିତ ଜମି ହେକ୍ଟର ପ୍ରତି ୮ହଜାର ଇନ୍‌ପୁଟ ସବସିଡି ପ୍ରଦାନ, ସମସ୍ତ ଚାଷୀଙ୍କୁ ୧ ମାସ ଭିତରେ ଇନ୍‌ପୁଟ ସବସିଡି ପ୍ରଦାନ କରାଯାଉ, ମରୁଡିଗ୍ରସ୍ତ ଚାଷୀଙ୍କୁ ୧୫ ଦିନ ମଧ୍ୟରେ ସାର ବିହନ ଓ କୀଟନାଶକ ଯୋଗଇ ଦିଆଯାଉ, ଚାଷୀମାନଙ୍କୁ ବିଦ୍ୟୁତ ଶୁଳ୍କ, ଜଳ କର ଛାଡ କରାଯାଉ ଇତ୍ୟାଦି ୧୧ ଦଫା ଦାବୀ ପୂରଣ ନକଲେ ଚାଷୀକୂଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭୁକ୍ ହରତାଳ କରିବାକୁ ବାଧ ହେବେ ବୋଲି ନେତା ବାଲଗୋପାଲ ମିଶ୍ର ଚେତାଇ ଦେଇଛନ୍ତି ।

## ସିଏନ୍‌ସି.ରେ +୩ ଛାତ୍ରଛାତ୍ରୀମାନଙ୍କ ଗ୍ରାଜୁଏସନ୍ ସେରମୋନି ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) :ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନାଇସ୍ ବାଣିଜ୍ୟ ମହାବିଦ୍ୟାଳୟର ୨୦୧୮-୨୧ ଶିକ୍ଷା ବର୍ଷର +୩ ଛାତ୍ରଛାତ୍ରୀମାନଙ୍କ ଗ୍ରାଜୁଏସନ୍ ସେରେମୋନି ମହାବିଦ୍ୟାଳୟ ପରିଚାଳକ ଆଶୁତୋଷ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ୟୁନିଭରସିଟିର ଅବସରପ୍ରାପ୍ତ ପିଜି କାଉନ୍‌ସିଲ୍ ଚେଆର୍‌ମେନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଭାବିବା, ଭୋକରେ ରହିବା ଏବଂ ଧୈର୍ଯ୍ୟ ଏହି ତିନୋଟି ଗୁଣ ଯାହା ପାଖରେ ଥିବ, ସେ ସବୁ ପରିସ୍ଥିତିରେ ନିଜକୁ ଆଗକୁ ନେଇ ପାରିବ । ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଷଷ୍ଠ ସ୍ଥାନ ଅଧିକାର କରିଥିବା ଓ ସିଏମ୍ଏ ଇଣ୍ଟର କ୍ଲିଅର୍ କରିଥିବା ମିସ୍ ରିୟା ଅଗ୍ରୱାଲଙ୍କୁ ହେମଲତା ପଟ୍ଟନାୟକ ସ୍କୋଲାରସିପ୍ (୯୦୦୦/-) ଓ ଡାଇରେକ୍ଟର ସ୍ପେସିଆଲ୍ ଆୱାଡର (୫୦୦୦/-) ବାବଦକୁ ଦୁଇଟି ଚେକ୍ ଦେଇ ସମ୍ମାନିତ କରାଯାଇଛି । ଏହା ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ ସାହୁ (ଯୁଗ୍ମ ପରିଚାଳକ, ସିଏନ୍‌ସି), ଶ୍ରୀମତୀ ମୃଗାକ୍ଷୀ ପଣ୍ଡା ତଥା ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଅଧକ୍ଷ ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସାଂଗ କରିଥିଲେ । ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu